✦ ଓ୩ମ୍ ✦

# ସଂସ୍କୃତି ଜ୍ଞାନ

## (ପ୍ରଥମ ଭାଗ)

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ବୈଦିକ ପ୍ରକାଶନ
ସି-୭୩, ସେକ୍ଟର-୧୫, ରାଉରକେଲା-୩

# ସଂସ୍କୃତି ଜ୍ଞାନ

## ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ପ୍ରକାଶକ : **ବୈଦିକ ପ୍ରକାଶନ,**
ଶ୍ରୁତିସଦନ, ସି/୭୩, ସେକ୍ଟର-୧୫,
ରାଉରକେଲା, ସୁନ୍ଦରଗଡ଼ - ୭୬୯୦୦୩
ଚଳଭାଷ : ୮୯୦୮୦୦୫୧୦୫, ୯୮୬୧୩୭୨୦୭୬
E-mail : shrutinyas@gmail.com
Website : www.shrutinyasa.org

ପ୍ରଚ୍ଛଦ : ଓମ୍ ଗ୍ରାଫିକ୍ସ,
ରସୁଲଗଡ଼, ଭୁବନେଶ୍ୱର-୧୦

ମୁଦ୍ରଣ : ଗ୍ଲୋବାଲ୍ ପ୍ରିଣ୍ଟର୍ସ,
ଏ/୧୯, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ପ୍ରଥମ ପ୍ରକାଶ : ଶ୍ରାବଣୀ ଉପାକର୍ମ, ୨୦୦୯
ପଞ୍ଚମ ପ୍ରକାଶ : ବିଜୟା ଦଶମୀ, ୨୦୧୫

ମୂଲ୍ୟ : ଟ. ୧୮.୦୦

---

**SANSKRITI JYNANA (PART-1)** by **Swami Sudhananda Saraswati,** Published by **Vaidik Prakashan**, C-73, Sector-15, Rourkela-3, Cover designed by Om Graphics, Rasulgarh, Printed at Global Printers, A/19, Rasulgarh Ind. Estate, Bhubaneswar-10.

Edition - 2015, Price : ₹ 18.00

© Vaidik Prakashan

# ସମର୍ପଣ

**ଯା**ହାଙ୍କ ଦ୍ୱାରା ଓଡ଼ିଆରେ ଅନୂଦିତ 'ସତ୍ୟାର୍ଥପ୍ରକାଶ' ମୋତେ
ସତ୍ୟ ବେଦପଥର ପଥିକ ହେବାର ଆଦ୍ୟ ପ୍ରେରଣା ଯୋଗାଇଛି,
ଓଡ଼ିଶାରେ ବେଦ-ମନ୍ଦାକିନୀ ପ୍ରବାହର ଭଗୀରଥ,
ଗୋରକ୍ଷା, ନାରୀଶିକ୍ଷା, ମହିଳା ସ୍ୱାଭିମାନ ଏବଂ ବୈଦିକ
ସଂସ୍କୃତିର ସୁରକ୍ଷା ସକାଶେ ଅହର୍ନିଶ ସଂଗ୍ରାମରତ ଓ ସର୍ବସ୍ୱ
ସମର୍ପିତ ବ୍ୟକ୍ତିତ୍ୱ, ଓଡ଼ିଶାର ସମସ୍ତ ବୈଦିକ ଧର୍ମାବଲମ୍ବୀଙ୍କ
ଆଦର୍ଶ ଓ ଚିରନମସ୍ୟ ଓଡ଼ିଶାର ସେହି ବରପୁତ୍ର
ସଂସ୍କାରକ **ଶ୍ରୀବତ୍ସ ପଣ୍ଡାଙ୍କ**
ଅମ୍ଲାନ ସ୍ମୃତିରେ ଏ କ୍ଷୁଦ୍ର କୃତିଟି ସାଦର ସମର୍ପିତ ।

**ସୁଧାନନ୍ଦ ସରସ୍ୱତୀ**

# ସଂସ୍କୃତିକୁ ଜାଣିବା ସଂସ୍କୃତିସମ୍ପନ୍ନ ହେବା

**ବେ**ଦ, ବେଦାଙ୍ଗ, ଉପାଙ୍ଗ ତଥା ଅନ୍ୟ ଆର୍ଷ ସାହିତ୍ୟର ଗଭୀର ସ୍ୱାଧ୍ୟାୟ ଓ ଚିନ୍ତନର ସୁଖଦ ପରିଣାମ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ 'ସଂସ୍କୃତି ଜ୍ଞାନ' ନାମକ ଏ ପୁସ୍ତିକା । କଳେବରଟି କ୍ଷୁଦ୍ର ହେଲେ ସୁଦ୍ଧା ସର୍ବସାଧାରଣଙ୍କ ନିମନ୍ତେ ଅନ୍ୟୂନ ପକ୍ଷେ ନିଶ୍ଚିତ ରୂପେ ଜାଣିବା ଯୋଗ୍ୟ ସଂସ୍କୃତି ସମ୍ପର୍କିତ ଅତ୍ୟାବଶ୍ୟକ ତତ୍ତ୍ୱ କ୍ରମବଦ୍ଧ, ସରଳ ଓ ସଂକ୍ଷିପ୍ତ ଅଥଚ ସୁବୋଧ, ସୁଖପାଠ୍ୟ ଏବଂ ଯଥାର୍ଥ ଭାବେ ପ୍ରଶ୍ନୋତ୍ତର ଶୈଳୀରେ ଏଥିରେ ଉପସ୍ଥାପନ କରାଯାଇଛି । ଆଜିର ବ୍ୟସ୍ତବହୁଳ, ଧାଁ-ଧପଡ଼ଭରା ଜୀବନରେ ବୃହଦାକାର ସୈଦ୍ଧାନ୍ତିକ ଗ୍ରନ୍ଥର ସ୍ୱାଧ୍ୟାୟ ପ୍ରତି ବିମୁଖ ଜନସାଧାରଣଙ୍କୁ ଅଳ୍ପ ଶବ୍ଦରେ ସ୍ପଷ୍ଟ ରୂପେ ସ୍ୱ ସଂସ୍କୃତିର ଗାରିମା, ମହନୀୟତା, ବିଶାଳତା, ବ୍ୟାପକତା, ଯୌକ୍ତିକତା ଓ ଯଥାର୍ଥତା ହୃଦୟଙ୍ଗମ କରାଇ ସଂସ୍କୃତି ପ୍ରତି ଅଭିରୁଚି ଉତ୍ପନ୍ନ କରିବାରେ ଏହାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ । ଭାରତୀୟ ବୈଦିକ ସଂସ୍କୃତି ସମ୍ପର୍କରେ ଆଦୌ ଧାରଣା ରଖୁନଥିବା ଓଡ଼ିଆ ପାଠକଙ୍କ ପାଇଁ ଏହା ଅତ୍ୟୁତ୍ତମ ସାଂସ୍କୃତିକ ମାର୍ଗଦର୍ଶକ, ଅନ୍ଧର ଯଷ୍ଟି ସଦୃଶ । ସବୁ ବର୍ଣ୍ଣ ଓ ସବୁ ଆଶ୍ରମସ୍ଥ ବ୍ୟକ୍ତିଙ୍କର, ଆବାଳବୃଦ୍ଧବନିତାଙ୍କ ଆଧ୍ୟାତ୍ମିକ, ବ୍ୟାବହାରିକ ଓ ସାମାଜିକ ଉନ୍ନତିରେ ଏହାର ସ୍ୱାଧ୍ୟାୟ ଉପଯୋଗୀ ଓ ଲାଭପ୍ରଦ ହେବ ଏ ଆଶା ମୋର ରହିଛି । ଆମେ ଏ ପୁସ୍ତକ ପଢ଼ିବା ଏବଂ ଆମ ସନ୍ତାନ ଓ ଇଷ୍ଟ-ମିତ୍ରଙ୍କୁ ପଢ଼ାଇବା, ନିଜେ ନିଜ ସଂସ୍କୃତିକୁ ଜାଣିବା ଓ ଅନ୍ୟକୁ ଜଣାଇବା, ସଂସ୍କୃତିକୁ ଆତ୍ମସ୍ଥ କରି ସମସ୍ତେ ସଂସ୍କୃତିସମ୍ପନ୍ନ ହେବା ।

ମହାବିଷୁବ ସଂକ୍ରାନ୍ତି, ୨୦୬୬ — ସ୍ୱାମୀ ପ୍ରଣବାନନ୍ଦ

ମନୁର୍ଭବ ଆଶ୍ରମ, ଭସ୍ମା

# ସୂଚୀ


| | | |
|---|---|---|
| ସମର୍ପଣ | ... | ୦୩ |
| ସଂସ୍କୃତିକୁ ଜାଣିବା ସଂସ୍କୃତିସମ୍ପନ୍ନ ହେବା | ... | ୦୫ |
| ପ୍ରସ୍ତାବନା | ... | ୦୭ |
| ବେଦ ଓ ବୈଦିକ ବାଙ୍ମୟ | ... | ୦୯ |
| ଈଶ୍ୱର ଜୀବ ପ୍ରକୃତି | ... | ୧୭ |
| ସଂସାର | ... | ୩୧ |
| ପଞ୍ଚମହାଯଜ୍ଞ | ... | ୪୧ |
| ବିବିଧ | ... | ୫୩ |


✲ ✲ ✲

# ପ୍ରସ୍ତାବନା

**ଆ**ଜିକାଲି ସାଂସ୍କୃତିକ କାର୍ଯ୍ୟକ୍ରମ କହିଲେ କେବଳ ନୃତ୍ୟ-ସଂଗୀତ ସମ୍ବନ୍ଧିତ କିଛି କାର୍ଯ୍ୟକ୍ରମ ବୋଲି ଲୋକେ ବୁଝୁଛନ୍ତି । ତେବେ କ'ଣ ସଂସ୍କୃତି କହିଲେ କେବଳ ନୃତ୍ୟ-ସଂଗୀତ ? ଏକଥା ଠିକ୍ ଯେ 'ସଂଗୀତ' ସଂସ୍କୃତିର ଅଭିନ୍ନ ଅଙ୍ଗ । ସ୍ୱୟଂ ସାମବେଦ ସଂଗୀତର ମୂଳଉତ୍ସ । କିନ୍ତୁ ସଂସ୍କୃତି ଏକ ଅତି ବ୍ୟାପକ ବସ୍ତୁ । ସଂସ୍କୃତି ସେ ସମସ୍ତ ତତ୍ତ୍ୱର ସମାହାର ଯାହା-ଯାହା ବି ବ୍ୟକ୍ତି ଓ ସମାଜକୁ ଯଥାର୍ଥତଃ ସର୍ବାଙ୍ଗ-ସୁନ୍ଦର କରିବା ପାଇଁ ଆବଶ୍ୟକ ।

ବେଦ ସକଳ ସତ୍ୟର ବୀଜ, ଅପୌରୁଷେୟ ଜ୍ଞାନ । ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା—ଏ ଚାରି ଜଣ ଋଷି ସୃଷ୍ଟି ଆରମ୍ଭରେ ସଂସାରର କଲ୍ୟାଣ ନିମନ୍ତେ ଏ ପରମ ପବିତ୍ର ଈଶ୍ୱରୀୟ ଜ୍ଞାନ ପ୍ରାପ୍ତ କଲେ । ଏହା ମାନବ ସମାଜର ମାନବୀୟ ମୂଲ୍ୟର ଆଧାର ହେଲା । ମାନବ ସମାଜର ଶନୈଃ-ଶନୈଃ ବିକାସ ଓ ପ୍ରସାର ହୋଇଚାଲିଲା । ବ୍ୟକ୍ତି ଓ ସମାଜ ଜୀବନକୁ ପବିତ୍ର, ଉନ୍ନତ, ବିକସିତ, ବ୍ୟବସ୍ଥିତ, ସୁଖମୟ, ସରସ-ସୁନ୍ଦର କରିବା ପାଇଁ ବିସ୍ତୃତ ବ୍ୟବସ୍ଥା, ପଦ୍ଧତିର ଆବଶ୍ୟକତା ଅନୁଭୂତ ହେଲା । ଏଥିନିମନ୍ତେ ଋଷି, ମନୀଷୀ, ତତ୍ତ୍ୱଦର୍ଶୀ ମହାତ୍ମାଗଣ ପରମାତ୍ମା ପ୍ରଦତ୍ତ ବୀଜଜ୍ଞାନ ବେଦମନ୍ତ୍ରର ନିରନ୍ତର ମନନ, ଚିନ୍ତନ, ନିଦିଧ୍ୟାସନ ଓ ସାକ୍ଷାତ୍କାର ପୂର୍ବକ ଯେଉଁ ବିଶାଳ ଜ୍ଞାନ-ବିଜ୍ଞାନ ପ୍ରାପ୍ତ କଲେ ସେସବୁର ସମାବେଶରେ ଆଦର୍ଶ ଜୀବନଶୈଳୀ, ସମାଜ ବ୍ୟବସ୍ଥାର ପଦ୍ଧତି ସଂସାର ଆଗରେ ଉପସ୍ଥାପନ କରିଯାଇଛନ୍ତି । ଏହିଭଳି ଭାବେ ମାନବୀୟ ଗୁଣ, ପ୍ରତିଭା, ଚେତନାର ପରିଷ୍କାରଣ ଓ ସମ୍ବର୍ଦ୍ଧନ ତଥା ବାହ୍ୟ ଓ ଆନ୍ତରିକ, ଶାରୀରିକ ଓ

ଆତ୍ମିକ ଶକ୍ତିସମୂହର ବିକାଶ ସାଧନ ନିମିତ୍ତ ପରମାତ୍ମା ବେଦରେ ଏବଂ ଋଷିମାନେ ବେଦ ଆଧାରରେ ଯେଉଁ ସମନ୍ୱିତ ଜୀବନଶୈଳୀ, ସମାଜ ବ୍ୟବସ୍ଥା ପଦ୍ଧତି ଦେଇଯାଇଛନ୍ତି ତାକୁ କୁହାଯାଏ ବୈଦିକ ସଂସ୍କୃତି ।

ଆଜିର ଶିଶୁ ଆସନ୍ତାକାଲିର ନାଗରିକ । ବାଲ୍ୟାବସ୍ଥାରେ ଯେଉଁ ସଂସ୍କାର ଯେତେ ଦୃଢ଼ ରୂପେ ପଡ଼ିଥାଏ ପରବର୍ତ୍ତୀ କାଳରେ ବ୍ୟକ୍ତିର ଜୀବନକୁ ତାହା ସେତେ ପରିମାଣରେ ପ୍ରଭାବିତ କରିଥାଏ । ଜ୍ଞାନ ମଣିଷର କର୍ମକୁ ଦିଗ୍‌ଦର୍ଶନ ଦେଇଥାଏ । ଏଣୁ ବାଲ୍ୟ ଓ କିଶୋର ଅବସ୍ଥାରୁ ହିଁ ସଂସ୍କୃତି ସମ୍ପର୍କରେ ସଚେତନ କରାଗଲେ, ସଂସ୍କୃତି ସମ୍ବନ୍ଧୀୟ ଜ୍ଞାନ ଦିଆଗଲେ ଏକ ସୁନ୍ଦର, ସୁସଂସ୍କୃତ ସମାଜ ତିଆରି କରାଯାଇପାରିବ । ଅତଃ ମୁଖ୍ୟତଃ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସଂସ୍କୃତି ସମ୍ପର୍କୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନଙ୍କ ଜୀବନକୁ ଉଚିତ ଦିଗ୍‌ଦର୍ଶନ ଦେଇ ପାରୁଥିବା କେତେକ ବିଷୟ ରୂପକ ମୁକ୍ତା ସଂସ୍କୃତିର ବିଶାଳ ମହାସାଗରରୁ ସଂଗ୍ରହ କରି 'ସଂସ୍କୃତି ଜ୍ଞାନ' ନାମକ ମୁକ୍ତାମାଳଟି ଗୁନ୍ଥାଯାଇଛି । ଆଶା ଏହା ବିଦ୍ୟାର୍ଥୀଙ୍କ ଗଳାମାଳି ହେବ ଏବଂ ସେମାନଙ୍କ ଜୀବନକୁ ସୁଶୋଭିତ ଓ ପ୍ରକାଶିତ କରିବ ।

ସୁଧାନନ୍ଦ ସରସ୍ୱତୀ

ଶ୍ରୁତିସଦନ, ରାଉରକେଲା

# ବେଦ ଓ ବୈଦିକ ବାଙ୍ମୟ

୧. ପ୍ର - ସଂସ୍କୃତି କାହାକୁ କହନ୍ତି ?

ଉ - ସମାଜକୁ ସୁବ୍ୟବସ୍ଥିତ ଓ ସୁସଂହତ ଭାବେ ନିର୍ମାଣ କରିବା ପଦ୍ଧତିକୁ, ବ୍ୟକ୍ତି ଓ ସମାଜ ଏ ଉଭୟର ବାହାର ଓ ଭିତରର ବିକାଶ କରି ସର୍ବାଙ୍ଗ-ସୁନ୍ଦର କରିବା ବ୍ୟବସ୍ଥାକୁ ସଂସ୍କୃତି କହନ୍ତି ।

୨. ପ୍ର - ସଂସାରର ସର୍ବପ୍ରାଚୀନ ସଂସ୍କୃତିର ନାମ କ'ଣ ?

ଉ - ସଂସାରର ସର୍ବପ୍ରାଚୀନ ସଂସ୍କୃତିର ନାମ ବୈଦିକ ସଂସ୍କୃତି ।

୩. ପ୍ର - ବୈଦିକ ସଂସ୍କୃତି କାହାକୁ କୁହାଯାଏ ?

ଉ - ବେଦରେ ପ୍ରତିପାଦିତ ସଂସ୍କୃତିକୁ ବୈଦିକ ସଂସ୍କୃତି କୁହାଯାଏ । ସମାଜକୁ ସମୁନ୍ନତ କରିବାର ଯେଉଁ ବ୍ୟବସ୍ଥା ବେଦରେ ବର୍ଣ୍ଣିତ ହୋଇଛି, ତାହା ବୈଦିକ ସଂସ୍କୃତି ନାମରେ ନାମିତ ।

୪. ପ୍ର - ଆମ ଧର୍ମର ନାମ କ'ଣ ?

ଉ - ଆମ ଧର୍ମର ନାମ ବୈଦିକ ଧର୍ମ ।

୫. ପ୍ର - ବୈଦିକ ଧର୍ମ କାହାକୁ କହନ୍ତି ?

ଉ - ବେଦରେ ପ୍ରତିପାଦିତ ହୋଇଥିବା ଧର୍ମକୁ ବୈଦିକ ଧର୍ମ କହନ୍ତି ।

୬. ପ୍ର - ବୈଦିକ ଧର୍ମର ମୂଳ ଧର୍ମଗ୍ରନ୍ଥର ନାମ କ'ଣ ?

ଉ - ବୈଦିକ ଧର୍ମର ମୂଳ ଧର୍ମଗ୍ରନ୍ଥର ନାମ ବେଦ ।

୭. ପ୍ର - ବେଦ କାହାକୁ କହନ୍ତି ?

ଉ - ବେଦର ଅର୍ଥ ଜ୍ଞାନ । ମନୁଷ୍ୟ ପାଇଁ ଆବଶ୍ୟକ ଥିବା ସକଳ

ଜ୍ଞାନ-ବିଜ୍ଞାନର ଭଣ୍ଡାରର ନାମ ବେଦ । ଯାହାଦ୍ୱାରା ସତ୍ୟ-ଅସତ୍ୟ, ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ପୁଣ୍ୟ-ପାପ ଇତ୍ୟାଦିକୁ ଠିକ୍ ଭାବେ ନିର୍ଣ୍ଣୟ କରିବାର ବିବେକ ମନୁଷ୍ୟକୁ ମିଳେ, ତାହାକୁ ବେଦ କହନ୍ତି ।

୮. ପ୍ର - ବେଦ କେତୋଟି ଓ କ'ଣ କ'ଣ ?

ଉ - ବେଦ ଚାରୋଟି । ଯଥା — ୧. ଋଗ୍‌ବେଦ, ୨. ଯଜୁର୍ବେଦ, ୩. ସାମବେଦ, ୪. ଅଥର୍ବବେଦ ।

୯. ପ୍ର - ବେଦ କିଏ ଦେଇଛନ୍ତି ?

ଉ - ବେଦ ପରମପିତା ପରମାତ୍ମା ପ୍ରଦାନ କରିଛନ୍ତି ।

୧୦.ପ୍ର - ଈଶ୍ୱର ବେଦ କେବେ ଦେଲେ ?

ଉ - ଈଶ୍ୱର ସୃଷ୍ଟି ଆରମ୍ଭରେ ବେଦ ପ୍ରଦାନ କଲେ ।

୧୧.ପ୍ର - ଈଶ୍ୱର ବେଦ କାହିଁକି ଦେଇଛନ୍ତି ?

ଉ - ପ୍ରତ୍ୟେକ ସଚେତନ ମାତା-ପିତା ନିଜ ସନ୍ତାନଙ୍କୁ ସଭ୍ୟ, ଶିକ୍ଷିତ, ସୁସଂସ୍କୃତ କରିବାକୁ ଚାହାନ୍ତି । ସେଥିପାଇଁ ସେମାନଙ୍କ ଶିକ୍ଷା-ଦୀକ୍ଷାର ଉଚିତ ବ୍ୟବସ୍ଥା କରିଥାନ୍ତି । ଈଶ୍ୱର ସକଳ ସଂସାରର ମାତା-ପିତା । ସେ ପରମ କରୁଣାମୟ । ସବୁ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ ବୁଦ୍ଧିମାନ୍ ତଥା ତାଙ୍କର ଶ୍ରେଷ୍ଠ ସନ୍ତାନ । ନିଜର ଶ୍ରେଷ୍ଠ ସନ୍ତାନ ମନୁଷ୍ୟକୁ ଜ୍ଞାନ-ବିଜ୍ଞାନ ସମ୍ପନ୍ନ କରିବା ପାଇଁ ଈଶ୍ୱର ଚାହାନ୍ତି । ସୃଷ୍ଟି ଆରମ୍ଭରେ କେଉଁଠି ବି ସ୍କୁଲ, କଲେଜ ନଥିଲା କି ଅନ୍ୟ କେହି ଗୁରୁ, ଆଚାର୍ଯ୍ୟ ନଥିଲେ । ଈଶ୍ୱର ସର୍ବଜ୍ଞ । ଏଣୁ ମନୁଷ୍ୟକୁ ଜ୍ଞାନବାନ୍ କରିବା ଉଦ୍ଦେଶ୍ୟରେ, ମନୁଷ୍ୟର ସର୍ବାଙ୍ଗୀଣ କଲ୍ୟାଣ ନିମନ୍ତେ ଈଶ୍ୱର ସୃଷ୍ଟି ଆରମ୍ଭରେ ନିଜ ନିତ୍ୟ ଜ୍ଞାନ ବେଦ ପ୍ରଦାନ କରିଛନ୍ତି ।

୧୨.ପ୍ର - ଈଶ୍ୱର ସୃଷ୍ଟି ଆରମ୍ଭରେ କାହାକୁ ବେଦ-ଜ୍ଞାନ ଦେଲେ ?

ଉ - ଈଶ୍ୱର ସୃଷ୍ଟି ଆରମ୍ଭରେ ଚାରି ଜଣ ଋଷିଙ୍କୁ ବେଦ-ଜ୍ଞାନ ପ୍ରଦାନ କଲେ । ସେମାନଙ୍କ ନାମ— ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ।

୧୩.ପ୍ର - ଋଷି କାହାକୁ କୁହାଯାଏ ?

ଉ - ସମାଧି ଅବସ୍ଥାରେ ବେଦ ମନ୍ତ୍ରର ଅର୍ଥର ଦ୍ରଷ୍ଟା, ଜ୍ଞାନର ପ୍ରାପ୍ତକର୍ତ୍ତା (ଆବିଷ୍କାରକ), ସର୍ବହିତକାରୀ, ପରମତପସ୍ୱୀ ତତ୍ତ୍ୱବେତ୍ତାଙ୍କୁ ଋଷି କୁହାଯାଏ ।

୧୪.ପ୍ର - କେଉଁ ଋଷି କେଉଁ ବେଦ ପ୍ରାପ୍ତ କଲେ ?

ଉ - ଅଗ୍ନି ଋଷି ଋଗ୍‌ବେଦ, ବାୟୁ ଋଷି ଯଜୁର୍ବେଦ, ଆଦିତ୍ୟ ଋଷି ସାମବେଦ ଏବଂ ଅଙ୍ଗିରା ଋଷି ଅଥର୍ବବେଦ ପ୍ରାପ୍ତ କଲେ ।

୧୫.ପ୍ର - ଈଶ୍ୱର ଏ ଚାରି ଜଣ ଋଷିଙ୍କୁ ହିଁ କାହିଁକି ବେଦ ଦେଲେ ?

ଉ - ଈଶ୍ୱର ଏ ଚାରିଜଣ ଋଷିଙ୍କୁ ହିଁ ଏଇଥିପାଇଁ ବେଦ ଦେଲେ କାରଣ ଏମାନେ ସମସ୍ତଙ୍କ ମଧ୍ୟରେ ସର୍ବାଧିକ ପବିତ୍ରାତ୍ମା, ସବୁଠୁ ଅଧିକ ଯୋଗ୍ୟ ଥିଲେ ।

୧୬.ପ୍ର - ଈଶ୍ୱର ସୃଷ୍ଟି ଆରମ୍ଭରେ କିପରି ବେଦ-ଜ୍ଞାନ ଦେଲେ ?

ଉ - ଆମେ ମନେ-ମନେ କଥା ହେଲା ଭଳି, ପାଠ ପଢ଼ିଲା ଭଳି, ମନେ-ମନେ ଗୀତ ଗାଇଲା ଭଳି, ସ୍ୱପ୍ନରେ ଆମକୁ ଦୃଶ୍ୟ ଓ ଶବ୍ଦର ଜ୍ଞାନ ହେଲା ଭଳି ଈଶ୍ୱର ବି ସମସ୍ତଙ୍କ ଭିତରେ ବିଦ୍ୟମାନ ଥିବାରୁ ଅଗ୍ନି ଆଦି ଚାରି ଜଣ ଋଷିଙ୍କ ହୃଦୟରେ ଶବ୍ଦ ଓ ଦୃଶ୍ୟ ଦ୍ୱାରା ବେଦ-ଜ୍ଞାନର ପ୍ରକାଶ କଲେ ।

୧୭.ପ୍ର - ଅନ୍ୟ ବ୍ୟକ୍ତିମାନେ କିପରି ବେଦ-ଜ୍ଞାନ ଲାଭ କଲେ ?

ଉ - ଅଗ୍ନି ଆଦି ଚାରି ଜଣ ଋଷି ଈଶ୍ୱରଙ୍କଠାରୁ ବେଦ-ଜ୍ଞାନ ଲାଭ କରି ଅନ୍ୟମାନଙ୍କୁ ବାଣୀ ଦ୍ୱାରା ଶୁଣାଇଲେ । ଏପରି ଭାବେ ଗୁରୁ-ଶିଷ୍ୟ ପରମ୍ପରାରେ ଜଣେ ଅନ୍ୟଠୁ ଶୁଣି-ଶୁଣି ଅନ୍ୟମାନେ

ବେଦ-ଜ୍ଞାନ ଲାଭ କରି ଚାଲିଲେ । ପରବର୍ତ୍ତୀ କାଳରେ ଏହା ଗ୍ରନ୍ଥ ଆକାରରେ ବି ଲିପିବଦ୍ଧ ହେଲା ଏବଂ ପଠନ-ପାଠନ ଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ନିକଟରେ ବେଦ-ଜ୍ଞାନ ପହଞ୍ଚିଲା ।

୧୮.ପ୍ର - ଶ୍ରୁତି କାହାକୁ କୁହାଯାଏ ?

ଉ - ବେଦକୁ ହିଁ ଶ୍ରୁତି ବୋଲି କୁହାଯାଏ ।

୧୯.ପ୍ର - ବେଦକୁ ଶ୍ରୁତି କାହିଁକି କୁହାଯାଏ ?

ଉ - ସୃଷ୍ଟି ଆରମ୍ଭରେ ଚାରିଜଣ ଋଷି ଈଶ୍ୱରଙ୍କଠାରୁ ନିଜ ହୃଦୟରେ ବେଦ ଶୁଣିଥିବାରୁ ଏବଂ ତା'ପରେ ଅନ୍ୟ କିଛି ବ୍ୟକ୍ତି ଏ ଋଷିମାନଙ୍କଠୁ ବେଦ ଶୁଣି ଅନ୍ୟମାନଙ୍କୁ ଶୁଣାଇ ଏଭଳି ଭାବେ ଗୁରୁ-ଶିଷ୍ୟ ପରମ୍ପରାରେ କିଛି କାଳ ପର୍ଯ୍ୟନ୍ତ କେବଳ ଶୁଣି ଶୁଣି ହିଁ ଏ ଜ୍ଞାନ ଲାଭ କରାଯାଇଥିବାରୁ ବେଦକୁ ଶ୍ରୁତି ବୋଲି କୁହାଯାଏ ।

୨୦.ପ୍ର - ଅଗ୍ନି ଆଦି ଚାରି ଜଣ ଋଷିଙ୍କଠାରୁ ଚାରୋଟି ଯାକ ବେଦର ଜ୍ଞାନ ସର୍ବପ୍ରଥମେ କିଏ ପ୍ରାପ୍ତ କରିଥିଲେ ?

ଉ - ଅଗ୍ନି ଆଦି ଚାରିଜଣ ଋଷିଙ୍କଠାରୁ ଚାରୋଟି ଯାକ ବେଦର ଜ୍ଞାନ ସର୍ବପ୍ରଥମେ ବ୍ରହ୍ମା ଋଷି ପ୍ରାପ୍ତ କରିଥିଲେ ।

୨୧.ପ୍ର - ବେଦ କେତେ ପ୍ରାଚୀନ ?

ଉ - ବେଦ ୧, ୯୬, ୦୮, ୫୩, ୧୧୫ ବର୍ଷ ପ୍ରାଚୀନ । (୨୦୧୫ ଖ୍ରୀଷ୍ଟାବ୍ଦ ସୁଦ୍ଧା)

୨୨.ପ୍ର - ବେଦ ଗ୍ରନ୍ଥ ଆକାରରେ କେବେ ଲିପିବଦ୍ଧ ହେଲା ?

ଉ - ସୃଷ୍ଟି ଆରମ୍ଭ ହେବାର କିଛି କାଳ ପରେ ବେଦ ଗ୍ରନ୍ଥ ଆକାରରେ ଲିପିବଦ୍ଧ ହେଲା ।

୨୩.ପ୍ର - ବେଦର ଭାଷା କେଉଁଟି ?

ଉ - ବେଦର ଭାଷା ସଂସ୍କୃତ (ବୈଦିକ ସଂସ୍କୃତ) ।

୨୪.ପ୍ର - ବେଦରେ କେଉଁ ବିଷୟର ଜ୍ଞାନ ଅଛି ?

ଉ - ବେଦରେ ମନୁଷ୍ୟ ପାଇଁ ଆବଶ୍ୟକ ଥିବା ସମସ୍ତ ଜ୍ଞାନ-ବିଜ୍ଞାନ ଅଛି । ସଂକ୍ଷେପରେ କହିଲେ ଈଶ୍ୱର, ଜୀବ, ପ୍ରକୃତି ସମ୍ପର୍କୀୟ ଜ୍ଞାନ ଅଥବା ଜ୍ଞାନ-କର୍ମ-ଉପାସନା-ବିଜ୍ଞାନ ବିଷୟକ ବର୍ଣ୍ଣନା ବେଦରେ ଅଛି ।

୨୫.ପ୍ର - ପ୍ରତ୍ୟେକ ବେଦର ନିଜ-ନିଜ ବିଷୟ କ'ଣ ?

ଉ - ୧. ଋଗ୍‌ବେଦର ବିଷୟ ଜ୍ଞାନ, ୨. ଯଜୁର୍ବେଦର ବିଷୟ କର୍ମ, ୩. ସାମବେଦର ବିଷୟ ଉପାସନା, ୪. ଅଥର୍ବବେଦର ବିଷୟ ବିଜ୍ଞାନ ।

୨୬.ପ୍ର - ବେଦରେ ବିଦ୍ୟା କେଉଁ ଭଳି ଅଛି ?

ଉ - ବିରାଟ ବରଗଛଟିର ସ୍ୱରୂପ ବରଗଛର ଏକ ଛୋଟ ମଞ୍ଜିରେ ସୂକ୍ଷ୍ମ ରୂପେ ଲୁଚି ରହିଥିବା ଭଳି ମନୁଷ୍ୟ ପାଇଁ ଆବଶ୍ୟକ ସମସ୍ତ ବିଦ୍ୟା ବେଦରେ ବୀଜ ରୂପେ ବିଦ୍ୟମାନ । ଏହି ବୀଜକୁ ମନ୍ତ୍ର କହନ୍ତି ।

୨୭.ପ୍ର - ମନ୍ତ୍ରର ଅର୍ଥ କ'ଣ ?

ଉ - ମନ୍ତ୍ରର ଅର୍ଥ ଗୂଢ଼ ବିଚାର । ଯାହା ମଧ୍ୟରେ ଗମ୍ଭୀର ଜ୍ଞାନ ଲୁଚି ରହିଥାଏ ତଥା ଯାହାର ମନନ-ଚିନ୍ତନ ଦ୍ୱାରା ଗୂଢ଼ ତତ୍ତ୍ୱଜ୍ଞାନ ଲାଭ ହୁଏ, ତାହାକୁ ମନ୍ତ୍ର କୁହାଯାଏ ।

୨୮.ପ୍ର - କେଉଁ ବେଦରେ କେତେ ଲେଖାଏଁ ମନ୍ତ୍ର ଅଛି ଏବଂ ଚାରି ବେଦର ମୋଟ ମନ୍ତ୍ର ସଂଖ୍ୟା କେତେ ?

ଉ - ୧. ଋଗ୍‌ବେଦରେ ୧୦୫୫୨ ମନ୍ତ୍ର, ୨. ଯଜୁର୍ବେଦରେ ୧୯୭୫

ମନ୍ତ୍ର, ୩. ସାମବେଦରେ ୧୮୭୫ ମନ୍ତ୍ର, ୪. ଅଥର୍ବବେଦରେ ୫୯୭୭ ମନ୍ତ୍ର ଅଛି । ଚାରି ବେଦର ମୋଟ ମନ୍ତ୍ର ସଂଖ୍ୟା ୨୦୩୭୯ ।

୨୯.ପ୍ର - ବ୍ରାହ୍ମଣ ଗ୍ରନ୍ଥ କାହାକୁ କହନ୍ତି ?

ଉ - ବେଦରେ ବର୍ଣ୍ଣିତ ବିଷୟର ବ୍ୟାଖ୍ୟା କରୁଥିବା ଗ୍ରନ୍ଥକୁ ବ୍ରାହ୍ମଣ ଗ୍ରନ୍ଥ କହନ୍ତି ।

୩୦.ପ୍ର - ପ୍ରତ୍ୟେକ ବେଦର ଗୋଟିଏ ଲେଖାଏଁ ପ୍ରସିଦ୍ଧ ବ୍ରାହ୍ମଣ ଗ୍ରନ୍ଥର ନାମ କ'ଣ ?

ଉ - ୧. ଋଗ୍‌ବେଦର ପ୍ରସିଦ୍ଧ ବ୍ରାହ୍ମଣ ଗ୍ରନ୍ଥ ଐତରେୟ ବ୍ରାହ୍ମଣ, ୨. ଯଜୁର୍ବେଦର ବ୍ରାହ୍ମଣ ଗ୍ରନ୍ଥ ଶତପଥ ବ୍ରାହ୍ମଣ, ୩. ସାମବେଦର ତାଣ୍ଡ୍ୟ ବ୍ରାହ୍ମଣ, ୪. ଅଥର୍ବବେଦର ଗୋପଥ ବ୍ରାହ୍ମଣ ।

୩୧.ପ୍ର - ଆରଣ୍ୟକ କାହାକୁ କହନ୍ତି ?

ଉ - ଅରଣ୍ୟରେ ରଚିତ ତଥା ଅରଣ୍ୟରେ ଅଧ୍ୟୟନ-ଅଧ୍ୟାପନା ହେଉଥିବା ଗ୍ରନ୍ଥ, ଅରଣ୍ୟବାସୀ(ବାନପ୍ରସ୍ଥ)ଙ୍କ ପାଇଁ ଉଦ୍ଦିଷ୍ଟ ଗ୍ରନ୍ଥକୁ ଆରଣ୍ୟକ କୁହାଯାଏ ।

୩୨.ପ୍ର - ଉପନିଷଦ କାହାକୁ କହନ୍ତି ?

ଉ - ନିଶ୍ଚୟପୂର୍ବକ ବ୍ରହ୍ମଙ୍କ ସାମୀପ୍ୟ ପ୍ରାପ୍ତ କରାଉଥିବା ଜ୍ଞାନକୁ ଉପନିଷଦ କୁହାଯାଏ । ଉପନିଷଦର ବ୍ୟାପକ ଅର୍ଥ ହେଲା— ଯାହାର ଅଧ୍ୟୟନ ଦ୍ୱାରା ଅଜ୍ଞାନ ନଷ୍ଟ ହୁଏ, ଯଥାର୍ଥ ଜ୍ଞାନ ପ୍ରାପ୍ତ ହୁଏ, ବ୍ରହ୍ମରେ ଗତି ଓ ବ୍ରହ୍ମପ୍ରାପ୍ତି ହୁଏ ଏବଂ ଜନ୍ମ-ମରଣ ବନ୍ଧନ ଶିଥିଳ ହୁଏ ତାହା ଉପନିଷଦ ।

୩୩.ପ୍ର - ବୈଦିକ ଉପନିଷଦ କେତୋଟି ଓ କ'ଣ କ'ଣ ?

ଉ - ବୈଦିକ ଉପନିଷଦ ୧୧ଟି । ସେଗୁଡ଼ିକର ନାମ ହେଲା— ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ ଓ ଶ୍ୱେତାଶ୍ୱେତର ।

୩୪.ପ୍ର - ବେଦାଙ୍ଗ କାହାକୁ କହନ୍ତି ?

ଉ - ବେଦର ଅଙ୍ଗ ଅର୍ଥାତ୍ ବେଦର ତାତ୍ପର୍ଯ୍ୟ ବୁଝିବାରେ ସହାୟକ ଗ୍ରନ୍ଥକୁ ବେଦାଙ୍ଗ କହନ୍ତି ।

୩୫.ପ୍ର - ବେଦାଙ୍ଗ କେତୋଟି ଓ କ'ଣ କ'ଣ ?

ଉ - ବେଦାଙ୍ଗ ୬ଟି — ୧. ଶିକ୍ଷା, ୨. କଳ୍ପ, ୩. ବ୍ୟାକରଣ, ୪. ନିରୁକ୍ତ, ୫. ଛନ୍ଦ, ୬. ଜ୍ୟୋତିଷ ।

୩୬.ପ୍ର - ଦର୍ଶନ ଶାସ୍ତ୍ର କାହାକୁ କହନ୍ତି ?

ଉ - ଯଥାର୍ଥ ରୂପେ ପଦାର୍ଥର ସାକ୍ଷାତ୍କାର କରାଉଥିବା ଜ୍ଞାନକୁ ଦର୍ଶନ କହନ୍ତି ଏବଂ ଏ ଜ୍ଞାନ ସମ୍ବଳିତ ଶାସ୍ତ୍ରକୁ ଦର୍ଶନ ଶାସ୍ତ୍ର କୁହାଯାଏ ।

୩୭.ପ୍ର- ବୈଦିକ ଦର୍ଶନ କେତୋଟି ଓ କ'ଣ କ'ଣ ?

ଉ - ବୈଦିକ ଦର୍ଶନ ୬ଟି । ଯଥା — ୧. ସାଂଖ୍ୟଦର୍ଶନ, ୨. ଯୋଗଦର୍ଶନ, ୩. ନ୍ୟାୟଦର୍ଶନ, ୪. ବୈଶେଷିକଦର୍ଶନ, ୫. ମୀମାଂସାଦର୍ଶନ, ୬. ବେଦାନ୍ତଦର୍ଶନ ।

୩୮.ପ୍ର - କେଉଁ ଋଷି କେଉଁ ଦର୍ଶନ ଶାସ୍ତ୍ର ରଚନା କରିଛନ୍ତି ?

ଉ - ୧. ସାଂଖ୍ୟ ଦର୍ଶନ- କପିଳ ଋଷି, ୨. ଯୋଗ ଦର୍ଶନ- ପତଞ୍ଜଳି ଋଷି, ୩. ନ୍ୟାୟ ଦର୍ଶନ-ଗୌତମ ଋଷି, ୪. ବୈଶେଷିକ ଦର୍ଶନ- ମହର୍ଷି କଣାଦ, ୫. ମୀମାଂସା ଦର୍ଶନ- ମହର୍ଷି ଜୈମିନି, ୬. ବେଦାନ୍ତ ଦର୍ଶନ- ମହର୍ଷି ବ୍ୟାସ ରଚନା କରିଛନ୍ତି ।

୩୯.ପ୍ର - ଉପବେଦ କେତୋଟି ଓ କ'ଣ କ'ଣ ?

ଉ - ଉପବେଦ ଚାରୋଟି । ଯଥା—୧. ଆୟୁର୍ବେଦ, ୨. ଧନୁର୍ବେଦ, ୩. ଗାନ୍ଧର୍ବବେଦ, ୪. ଅର୍ଥବେଦ ।

୪୦.ପ୍ର - କେଉଁ ବେଦର ଉପବେଦ କେଉଁଟି ?

ଉ - ଋଗ୍‌ବେଦର ଉପବେଦ ଆୟୁର୍ବେଦ, ଯଜୁର୍ବେଦର ଉପବେଦ ଧନୁର୍ବେଦ, ସାମବେଦର ଉପବେଦ ଗାନ୍ଧର୍ବବେଦ, ଅଥର୍ବବେଦର ଉପବେଦ ଅର୍ଥବେଦ ।

୪୧.ପ୍ର - ସ୍ମୃତି ଶାସ୍ତ୍ର କାହାକୁ କହନ୍ତି ?

ଉ - ମନୁଷ୍ୟର ବ୍ୟକ୍ତିଗତ ଓ ସାମାଜିକ ଆଚରଣ ସମ୍ପର୍କୀୟ ବିଧି-ବିଧାନ, ନିୟମ-ବ୍ୟବସ୍ଥା ସମ୍ବନ୍ଧରେ ଋଷିଙ୍କ ଦ୍ୱାରା ରଚିତ ଧର୍ମ ଗ୍ରନ୍ଥକୁ ସ୍ମୃତି ଶାସ୍ତ୍ର କହନ୍ତି ।

୪୨.ପ୍ର - ଏକ ପ୍ରାଚୀନ, ପ୍ରସିଦ୍ଧ ଓ ମହତ୍ତ୍ୱପୂର୍ଣ୍ଣ ସ୍ମୃତି ଗ୍ରନ୍ଥର ନାମ କୁହ ।

ଉ - ଏକ ପ୍ରାଚୀନ, ପ୍ରସିଦ୍ଧ ଓ ମହତ୍ତ୍ୱପୂର୍ଣ୍ଣ ସ୍ମୃତି ଗ୍ରନ୍ଥର ନାମ 'ମନୁସ୍ମୃତି' ।

୪୩.ପ୍ର - ବେଦ ଓ ଅନ୍ୟ ଶାସ୍ତ୍ର ମଧ୍ୟରେ ପାର୍ଥକ୍ୟ କ'ଣ ?

ଉ - ବେଦ ଓ ଅନ୍ୟ ଶାସ୍ତ୍ର ମଧ୍ୟରେ ପାର୍ଥକ୍ୟ ହେଲା— ବେଦ ଈଶ୍ୱର ପ୍ରଦତ୍ତ ଜ୍ଞାନ । ଏଣୁ ବେଦ ସ୍ୱତଃପ୍ରମାଣ, ପରମପ୍ରମାଣ । ଅନ୍ୟ ଶାସ୍ତ୍ରଗୁଡ଼ିକ ଋଷି, ମୁନି, ମହାପୁରୁଷଙ୍କ ଉପଦେଶ ଓ ରଚନା । ଏଣୁ ଏସବୁ ପରତଃପ୍ରମାଣ । ଅନ୍ୟ ଶାସ୍ତ୍ରର ଯେତିକି ଅଂଶ ବେଦର ଅନୁକୂଳ ସେତିକି ଅଂଶ ପ୍ରାମାଣିକ । ଯେତିକି ଭାଗ ବେଦର ବିରୁଦ୍ଧ, ତାହା ଅପ୍ରାମାଣିକ ।

* * *

# ଈଶ୍ୱର ଜୀବ ପ୍ରକୃତି

୧. ପ୍ର - ଏ ସଂସାର କିଏ ତିଆରି କରିଛନ୍ତି ?

ଉ - ଏ ସଂସାର ଈଶ୍ୱର ତିଆରି କରିଛନ୍ତି ।

୨. ପ୍ର - ଈଶ୍ୱର କିଏ ?

ଉ - ଯିଏ ଏ ଜଗତର ଉତ୍ପତ୍ତିକର୍ତ୍ତା, ପାଳନକର୍ତ୍ତା ଓ ବିନାଶକର୍ତ୍ତା, ସେ ଈଶ୍ୱର । ଅର୍ଥାତ୍ ଯିଏ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ତଥା ଅସଂଖ୍ୟ ନକ୍ଷତ୍ର, ଗ୍ରହ, ଉପଗ୍ରହ ଆଦି ତିଆରି କରିଛନ୍ତି, ସଂସାରର ପାଳନ କରନ୍ତି ଏବଂ ଆବଶ୍ୟକତା ଅନୁସାରେ ଠିକ୍ ସମୟରେ ସଂସାରକୁ ବିନାଶ କରନ୍ତି, ତାଙ୍କୁ ଈଶ୍ୱର କୁହାଯାଏ ।

୩. ପ୍ର - ଈଶ୍ୱର କେତୋଟି ?

ଉ - ଈଶ୍ୱର ଏକ ।

୪. ପ୍ର - ଈଶ୍ୱର ଏକରୁ ଅଧିକ କାହିଁକି ନୁହନ୍ତି ?

ଉ - ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ହେଲେ କିମ୍ବା ଅଳସୁଆ ହେଲେ ସେ ଅନ୍ୟର ସହାୟତା ଚାହିଁଥାଏ । ଈଶ୍ୱର ସର୍ବଶକ୍ତିମାନ୍ ହୋଇଥିବାରୁ ସଂସାରର ଉତ୍ପତ୍ତି, ପାଳନ ଓ ବିନାଶ ଆଦି ତାଙ୍କର ସକଳ କର୍ମ କରିବାକୁ ସେ ଏକାକୀ ସମର୍ଥ । ସେ ଅଳସୁଆ ବି ନୁହନ୍ତି । ଅତଃ ସଂସାର ପାଇଁ ଅଧିକ ଈଶ୍ୱରଙ୍କର ଆବଶ୍ୟକତା ନ ଥିବାରୁ ଈଶ୍ୱର ଏକାଧିକ ନୁହନ୍ତି । ଦ୍ୱିତୀୟରେ, ଈଶ୍ୱର ସର୍ବୋଚ୍ଚ ଚେତନ ସତ୍ତା । ସର୍ବଶ୍ରେଷ୍ଠ, ସର୍ବୋଚ୍ଚ ସତ୍ତା ଏକ ହିଁ ହୋଇଥାଏ । ଏଣୁ ଈଶ୍ୱର ବି ଏକାଧିକ ନୁହନ୍ତି ।

୫. ପ୍ର - ଈଶ୍ୱର କେଉଁଠି ରହନ୍ତି ?

ଉ - ଈଶ୍ୱର ସର୍ବବ୍ୟାପକ, ସବୁଠି ରହନ୍ତି ।

୬. ପ୍ର - ଯଦି ଈଶ୍ୱର ସବୁଠି ଅଛନ୍ତି, ତେବେ ଦେଖାଯାଉନାହାନ୍ତି କାହିଁକି ?

ଉ - ଯେଉଁ ପଦାର୍ଥର ରୂପ ଥାଏ ତାହା ଆଖିକୁ ଦେଖାଯାଏ । ଯଥା— ଅଗ୍ନି, ଜଳ ଆଦି । ଯାହାର ରୂପ ନଥାଏ ତାହା ଆଖିକୁ ଦେଖାଯାଏ ନାହିଁ । ଯଥା— ପବନ । ବାୟୁ ଭଳି ଈଶ୍ୱରଙ୍କର ବି ରୂପ ନଥିବାରୁ ସେ ଦେଖାଯାଉନାହାନ୍ତି । ଆଉ ଗୋଟିଏ କଥା ହେଲା ଯେ ଯେଉଁ ପଦାର୍ଥ ଅତି ସୂକ୍ଷ୍ମ ହୋଇଥାଏ, ତାହା ବି ଆଖିକୁ ଦେଖାଯାଏ ନାହିଁ । ଯଥା— x-ray । ଈଶ୍ୱର ସବୁଠୁ ସୂକ୍ଷ୍ମ, ଅତି ସୂକ୍ଷ୍ମ ହୋଇଥିବାରୁ ସେ ଦେଖାଯାଉନାହାନ୍ତି ।

୭. ପ୍ର - ଈଶ୍ୱର ତ ଦେଖାଯାଉନାହାନ୍ତି । ସେ ଅଛନ୍ତି ବୋଲି ପ୍ରମାଣ କ'ଣ ?

ଉ - ଆଖିକୁ ଦେଖାନଗଲେ ବି ଅନେକ ପଦାର୍ଥ ଥାଏ । ସେଗୁଡ଼ିକର କାର୍ଯ୍ୟରୁ ସେଗୁଡ଼ିକ ଅଛନ୍ତି ବୋଲି ପ୍ରମାଣିତ ହୁଏ । ଉଦାହରଣ ସ୍ୱରୂପ— ପବନ, ମନ, ଭୋକ, ଶୋଷ, ମାଧ୍ୟାକର୍ଷଣ ଶକ୍ତି, ଅଣୁଜୀବ ଆଦି । ଆମେ ଦେଖୁ ଯେ ଜଗତର ପ୍ରତ୍ୟେକ ବସ୍ତୁ ନିୟମାନୁସାରେ, ବ୍ୟବସ୍ଥିତ ରୂପେ କାର୍ଯ୍ୟ କରୁଛନ୍ତି । ବ୍ୟବସ୍ଥାଟିଏ ପାଇଁ ଜଣେ ବ୍ୟବସ୍ଥାପକଙ୍କ ଆବଶ୍ୟକତା ପଡ଼ିଥାଏ । ଅତଏବ ସଂସାରର ଏ ବିରାଟ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ, ଏହାର ଜଣେ ଅତ୍ୟନ୍ତ ବୁଦ୍ଧିମାନ୍ ବ୍ୟବସ୍ଥାପକ ଚେତନ ସତ୍ତା 'ଈଶ୍ୱର' ଥିବା ପ୍ରମାଣିତ ହୁଏ ।

୮. ପ୍ର - ଈଶ୍ୱରଙ୍କ ସ୍ୱରୂପ କ'ଣ ?

ଉ - ଈଶ୍ୱର ସତ୍, ଚିତ୍ ଓ ଆନନ୍ଦସ୍ୱରୂପ । ସେ ନିରାକାର, ସର୍ବବ୍ୟାପକ, ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ।

୯. ପ୍ର - ଈଶ୍ୱରଙ୍କ ନାମ କ'ଣ ?

ଉ - ଈଶ୍ୱରଙ୍କ ଅସଂଖ୍ୟ ଗୁଣ ଯୋଗୁଁ ତାଙ୍କର ଅସଂଖ୍ୟ ନାମ ଅଛି । ତନ୍ମଧ୍ୟରୁ ତାଙ୍କର ମୁଖ୍ୟ ନାମ 'ଓ୩ମ୍' ।

୧୦.ପ୍ର - ଈଶ୍ୱର କେବେଠୁ ଅଛନ୍ତି ?

ଉ - ଈଶ୍ୱର ସର୍ବଦା ଅଛନ୍ତି । ସେ ଅନାଦି ।

୧୧.ପ୍ର - ଅନାଦି କାହାକୁ କହନ୍ତି ?

ଉ - ଯାହାର ଆଦି ବା ଉତ୍ପତ୍ତି ନଥାଏ, ତାହାକୁ ଅନାଦି କହନ୍ତି ।

୧୨.ପ୍ର - ଅନାଦି ପଦାର୍ଥ କେତୋଟି ଓ କ'ଣ କ'ଣ ?

ଉ - ଅନାଦି ପଦାର୍ଥ ବା ଦ୍ରବ୍ୟ ତିନୋଟି— ଈଶ୍ୱର, ଜୀବ, ପ୍ରକୃତି ।

୧୩.ପ୍ର - ପଦାର୍ଥ କାହାକୁ କହନ୍ତି ?

ଉ - ଯେଉଁଥିରେ ଗୁଣ ବିଦ୍ୟମାନ ଥାଏ ତାହାକୁ ପଦାର୍ଥ କହନ୍ତି । ଯଥା— ଆଲୋକ ଓ ଉତ୍ତାପ ଥିବାରୁ ଅଗ୍ନିକୁ ଏକ ପଦାର୍ଥ କୁହାଯାଏ ।

୧୪.ପ୍ର - ପଦାର୍ଥ କେତେ ପ୍ରକାର ଓ କ'ଣ କ'ଣ ?

ଉ - ପଦାର୍ଥ ଦୁଇ ପ୍ରକାର— ୧. ଜଡ଼, ୨. ଚେତନ ।

୧୫.ପ୍ର - ଚେତନ ପଦାର୍ଥ କାହାକୁ କୁହାଯାଏ ?

ଉ - ଯାହା ଭିତରେ ଚେତନା ବା ଜ୍ଞାନ (ଜାଣିବା, ଅନୁଭବ କରିବା ଶକ୍ତି) ଅଛି ତାହାକୁ ଚେତନ ପଦାର୍ଥ କୁହାଯାଏ ।

୧୬.ପ୍ର - ଚେତନ ପଦାର୍ଥ କେତୋଟି ଓ କ'ଣ କ'ଣ ?

ଉ - ଚେତନ ପଦାର୍ଥ ଦୁଇଟି— ୧. ଈଶ୍ୱର, ୨. ଜୀବ ।

୧୭.ପ୍ର - ଜୀବ କେତୋଟି ?

ଉ - ଜୀବ ବା ଜୀବାତ୍ମାଙ୍କ ଜାତି ତ ଏକ । ସଂଖ୍ୟା ଦୃଷ୍ଟିରୁ ଆମ ଜ୍ଞାନରେ ଜୀବ ଅସଂଖ୍ୟ କାରଣ ଆମେ ସବୁ ଜୀବାତ୍ମାକୁ ଗଣିପାରିବା ନାହିଁ । କିନ୍ତୁ ଈଶ୍ୱରଙ୍କ ଜ୍ଞାନରେ ଜୀବାତ୍ମାଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ । କାରଣ ଈଶ୍ୱର ସର୍ବଜ୍ଞ ହୋଇଥିବାରୁ କେତେ ଜୀବ ଅଛନ୍ତି ତାହା ଠିକ୍ ରୂପେ ଜାଣନ୍ତି, ସମସ୍ତଙ୍କ କର୍ମର ହିସାବ ରଖି ଫଳର ବ୍ୟବସ୍ଥା କରନ୍ତି ।

୧୮.ପ୍ର - ଜୀବାତ୍ମା ସ୍ତ୍ରୀ, ପୁରୁଷ ନା ନପୁଂସକ ?

ଉ - ଜୀବାତ୍ମାର କୌଣସି ଲିଙ୍ଗ ନାହିଁ । ଲିଙ୍ଗ ଶରୀରର ଥାଏ ।

୧୯.ପ୍ର - ଜୀବାତ୍ମାର ଓଜନ, ରୂପ, ଆକାର ଆଦି କ'ଣ ?

ଉ - ଓଜନ, ରୂପ, ଆକାର ଆଦି ଗୁଣ ପ୍ରକୃତିରୁ ନିର୍ମିତ ଜଡ଼ ପଦାର୍ଥର ଥାଏ, ଚେତନର ନଥାଏ । ଜୀବାତ୍ମା ଚେତନ ତତ୍ତ୍ୱ । ଏଣୁ ଜୀବାତ୍ମାର କୌଣସି ରୂପ, ଆକାର କି ଓଜନ ନାହିଁ ।

୨୦.ପ୍ର - ଜୀବାତ୍ମା କ'ଣ ଚାହେଁ ?

ଉ - ଜୀବାତ୍ମା ସମସ୍ତ ଦୁଃଖରୁ ଦୂରେଇ ରହିବାକୁ ଚାହେଁ ତଥା ପୂର୍ଣ୍ଣ ଓ ସ୍ଥାୟୀ ସୁଖ, ଶାନ୍ତି, ନିର୍ଭୟତା, ସ୍ୱାଧୀନତା ଚାହେଁ ।

୨୧.ପ୍ର - ଜୀବାତ୍ମାକୁ ଦୁଃଖ କାହିଁକି ହୁଏ ?

ଉ - ଅବିଦ୍ୟା ବା ମିଥ୍ୟାଜ୍ଞାନ ଯୋଗୁଁ ଜୀବାତ୍ମାକୁ ଦୁଃଖ ହୁଏ । ଶରୀର/ପ୍ରକୃତି ସହ ସଂଯୁକ୍ତ ହେଲେ ଜୀବାତ୍ମାକୁ ଦୁଃଖ ହୋଇଥାଏ ।

୨୨.ପ୍ର - ଜୀବାତ୍ମାର ଲକ୍ଷଣ କ'ଣ ?

ଉ - ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଜ୍ଞାନ, ସୁଖ-ଦୁଃଖର ଅନୁଭବ ଜୀବାତ୍ମାର ଲକ୍ଷଣ ।

୨୩.ପ୍ର - କ'ଣ ଜୀବାତ୍ମା ଈଶ୍ୱରଙ୍କ ଅଂଶ ?

ଉ - ନା । ଜୀବାତ୍ମା ଈଶ୍ୱରଙ୍କ ଅଂଶ ନୁହେଁ । ଈଶ୍ୱର ଅଖଣ୍ଡ, ସେ ଖଣ୍ଡ-ଖଣ୍ଡ (ଭାଗ-ଭାଗ, ଅଂଶ-ଅଂଶ) ହୁଅନ୍ତି ନାହିଁ ।

୨୪.ପ୍ର - ଜଡ଼ ପଦାର୍ଥ କାହାକୁ କହନ୍ତି ?

ଉ - ଯାହା ଭିତରେ ଚେତନା ବା ଜ୍ଞାନ ନାହିଁ ତାହାକୁ ଜଡ଼ ପଦାର୍ଥ କହନ୍ତି । ପ୍ରକୃତି ତଥା ପ୍ରକୃତିରୁ ଉତ୍ପନ୍ନ ଏ ପ୍ରାକୃତିକ ପଦାର୍ଥ ସବୁ ଜଡ଼ ।

୨୫.ପ୍ର - ଈଶ୍ୱର ଓ ଜୀବାତ୍ମା ମଧ୍ୟରେ କ'ଣ ସମାନତା ଅଛି ?

ଉ - ଈଶ୍ୱର ଓ ଜୀବାତ୍ମା ମଧ୍ୟରେ ଏ ସମାନତା ଅଛି ଯେ ଉଭୟେ ଚେତନ, ପବିତ୍ର, ଅନାଦି, ଅବିନାଶୀ, ନିରାକାର ଅଟନ୍ତି ।

୨୬.ପ୍ର - ଈଶ୍ୱର ଓ ଜୀବାତ୍ମା ମଧ୍ୟରେ ପ୍ରଭେଦ କ'ଣ ?

ଉ - ଈଶ୍ୱର ସର୍ବଜ୍ଞ, ଜୀବାତ୍ମା ଅଳ୍ପଜ୍ଞ । ଈଶ୍ୱର ସର୍ବବ୍ୟାପକ, ଜୀବାତ୍ମା ଏକଦେଶୀ । ଈଶ୍ୱର ସର୍ବଶକ୍ତିମାନ୍, ଜୀବାତ୍ମା ଅଳ୍ପଶକ୍ତିମାନ୍ । ଈଶ୍ୱର ଅଜନ୍ମା, ଜୀବାତ୍ମା ଜନ୍ମ ନିଏ (ଶରୀର ଧାରଣ କରେ) । ଈଶ୍ୱର ଆନନ୍ଦସ୍ୱରୂପ, ଜୀବାତ୍ମାର ନିଜର ଆନନ୍ଦ ନାହିଁ । ସେ ସୁଖ ପାଇବା ପାଇଁ ଈଶ୍ୱରଙ୍କ ପାଖକୁ ଅଥବା ସାଂସାରିକ ପଦାର୍ଥ ନିକଟକୁ ଯାଏ ।

୨୭.ପ୍ର - ଈଶ୍ୱରଙ୍କ ସହ ଆମର କ'ଣ କ'ଣ ସମ୍ବନ୍ଧ ଅଛି ?

ଉ - ଈଶ୍ୱର ଆମ ମାତା, ଆମେ ଈଶ୍ୱରଙ୍କ ସନ୍ତାନ । ଈଶ୍ୱର ଆମ ପିତା, ଆମେ ତାଙ୍କ ସନ୍ତାନ । ସେହିଭଳି ଈଶ୍ୱରଙ୍କ ସହ ଆମର ଗୁରୁ-ଶିଷ୍ୟ, ରାଜା-ପ୍ରଜା, ସାଧ୍ୟ-ସାଧକ, ଉପାସ୍ୟ-ଉପାସକ, ବ୍ୟାପକ-ବ୍ୟାପ୍ୟ, ସ୍ୱାମୀ-ସେବକ ଆଦି ଅନେକ ସମ୍ବନ୍ଧ ଅଛି ।

୨୮.ପ୍ର - ଈଶ୍ୱରଙ୍କ ମୁଖ୍ୟ କର୍ମ କେତୋଟି ଓ କ'ଣ କ'ଣ ?
ଉ - ଈଶ୍ୱରଙ୍କ ମୁଖ୍ୟ କର୍ମ ପାଞ୍ଚୋଟି— ୧. ସଂସାରର ନିର୍ମାଣ, ୨. ସଂସାରର ପାଳନ, ୩. ସଂସାରର ପ୍ରଳୟ, ୪. ବେଦଜ୍ଞାନ ପ୍ରଦାନ, ୫. ଜୀବଙ୍କ ଶୁଭ-ଅଶୁଭ କର୍ମର ଫଳ ପ୍ରଦାନ ।

୨୯.ପ୍ର - ଈଶ୍ୱର ଜୀବଙ୍କଠୁ କ'ଣ ଚାହାନ୍ତି ?
ଉ - ଈଶ୍ୱର ଚାହାନ୍ତି ଯେ ଜୀବ ତାଙ୍କ ଆଜ୍ଞା ପାଳନ କରି ସଂସାରରେ ସୁଖୀ ହୋଇ ରହୁ ଏବଂ ମୁକ୍ତି ପଦ ପ୍ରାପ୍ତ କରୁ ।

୩୦.ପ୍ର - ଈଶ୍ୱରଙ୍କ ଆଜ୍ଞା କ'ଣ, ଏହା କିପରି ଜାଣିହେବ ?
ଉ - ବେଦ ତଥା ବେଦାନୁକୂଳ ଶାସ୍ତ୍ର ପଢ଼ିବା ଦ୍ୱାରା ଏବଂ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବକୁ ଜାଣିବା ଦ୍ୱାରା ତାଙ୍କ ଆଜ୍ଞା ଜାଣିହେବ ।

୩୧.ପ୍ର - ସଂସାରର ରଚନା ଓ ପାଳନ ଆଦି ଦ୍ୱାରା ଈଶ୍ୱରଙ୍କର କ'ଣ ଲାଭ ହୁଏ ?
ଉ - ସଂସାରର ସର୍ଜନା ଓ ପାଳନ ଆଦି ଦ୍ୱାରା ଈଶ୍ୱରଙ୍କର କିଛି ଲାଭ ହୁଏ ନାହିଁ ।

୩୨.ପ୍ର - ଯଦି କିଛି ଲାଭ ନାହିଁ ତେବେ ଈଶ୍ୱର ସଂସାର ରଚନା ଆଦି କାହିଁକି କରନ୍ତି ?
ଉ - ଈଶ୍ୱରଙ୍କର କୌଣସି ଅଭାବ ନାହିଁ । ତେଣୁ ସେ ଲାଭ ପାଇଁ କିଛି କରନ୍ତି ନାହିଁ । ଈଶ୍ୱର ପରୋପକାରୀ । ଜୀବମାନଙ୍କୁ ସୁଖ ପ୍ରଦାନ କରିବା ପାଇଁ ସଂସାରର ରଚନା ଆଦି କାର୍ଯ୍ୟ କରନ୍ତି ।

୩୩.ପ୍ର - କ'ଣ ଈଶ୍ୱର ଆମକୁ ପ୍ରତିଦିନ ଶିକ୍ଷା ଦିଅନ୍ତି ?
ଉ - ହଁ, ଜୀବ ଯେତେବେଳେ ଖରାପ କାମ କରିବାକୁ ଇଚ୍ଛା କରେ

ସେତେବେଳେ ଭିତରୁ ଭୟ, ଲଜ୍ଜା, ଶଙ୍କା ଏବଂ ଯେତେବେଳେ ଭଲ କାମ କରିବାକୁ ଇଚ୍ଛା କରେ ସେତେବେଳେ ଭିତରୁ ଆନନ୍ଦ, ଉତ୍ସାହ, ନିର୍ଭୟତା ପ୍ରାପ୍ତ ହୋଇଥାଏ । ଏହା ଅନ୍ତର୍ଯାମୀ ଇଶ୍ୱରଙ୍କ ଶିକ୍ଷା, ଯଦ୍ୱାରା ଜୀବ ଖରାପ ଓ ଭଲ କର୍ମକୁ ଜାଣିପାରେ ।

୩୪.ପ୍ର - ଈଶ୍ୱର ତ ଆଖିକୁ ଦେଖାଯାଆନ୍ତି ନାହିଁ, ତେବେ ଈଶ୍ୱର ଦର୍ଶନ କିପରି ହେବ ?

ଉ - ଦର୍ଶନ ଶବ୍ଦର ଅର୍ଥ କେବଳ ଆଖିରେ ଦେଖିବା ନୁହେଁ । ଦର୍ଶନ ବା ଦେଖିବାର ଅର୍ଥ ହେଲା ଯାହା ଦ୍ୱାରା ଯାହା ଗ୍ରହଣ ବା ଅନୁଭବର ଯୋଗ୍ୟ ତଦ୍ୱାରା ତାକୁ ଜାଣିବା ବା ଅନୁଭବ କରିବା । ଯଥା— ଭାତ ଠିକ୍ ହେଲା କି ନାହିଁ ଆମେ ହାତରେ ଚିପି ଦେଖୁ, ତରକାରୀ ଠିକ୍ ହୋଇଛି କି ନାହିଁ ଜିଭ ଦ୍ୱାରା ଚାଖି ଜାଣୁ, ଖାଦ୍ୟ ଠିକ୍ ଅଛି କିମ୍ବା ବାସି, ଦୁର୍ଗନ୍ଧଯୁକ୍ତ ହୋଇଛି ନାକ ଦ୍ୱାରା ଶୁଙ୍ଘି ଜାଣୁ ଇତ୍ୟାଦି । ଏସବୁ କର୍ମ ପାଇଁ ବି ଦେଖିବା ଶବ୍ଦ ପ୍ରୟୋଗ କରାଯାଏ । ସେହିପରି ଈଶ୍ୱର ଦର୍ଶନର ଅର୍ଥ ଆତ୍ମାରେ ପରମାତ୍ମାଙ୍କୁ ଅନୁଭବ କରିବା, ଉପଲବ୍ଧି କରିବା । ନିରାକାର ଈଶ୍ୱରଙ୍କ ଜ୍ଞାନ, ଆନନ୍ଦ ଆଦି ଗୁଣର ଅନୁଭୂତି କରିବାକୁ ହିଁ ଈଶ୍ୱର ଦର୍ଶନ ବା ଈଶ୍ୱର ସାକ୍ଷାତ୍କାର ବୋଲି କୁହାଯାଏ ।

୩୫.ପ୍ର - ଈଶ୍ୱରଙ୍କ ଦର୍ଶନ କିଏ କରିପାରେ ?

ଉ - ବେଦ ଆଦି ଶାସ୍ତ୍ରର ବିଦ୍ୱାନ୍, ଧର୍ମାତ୍ମା, ବୈରାଗ୍ୟବାନ୍ ଓ ଯୋଗୀ ବ୍ୟକ୍ତି ହିଁ ଈଶ୍ୱରଙ୍କ ସାକ୍ଷାତ୍କାର କରିପାରେ ।

୩୬.ପ୍ର - କ'ଣ କୌଣସି ବ୍ୟକ୍ତି କେବେ ଈଶ୍ୱର ହୋଇପାରେ ?

ଉ - ନା । ମନୁଷ୍ୟ କଦାପି ଈଶ୍ୱର ହୋଇପାରେ ନାହିଁ, କାରଣ ମନୁଷ୍ୟର ଶକ୍ତି-ସାମର୍ଥ୍ୟ ସୀମିତ, ଅନନ୍ତ ନୁହେଁ ।

୩୭.ପ୍ର - କ'ଣ ଈଶ୍ୱର ମନୁଷ୍ୟ ବା ଅନ୍ୟ ପ୍ରାଣୀର ରୂପ ଧାରଣ କରିପାରନ୍ତି ?

ଉ - ନା । ଈଶ୍ୱର ସର୍ବବ୍ୟାପକ । ଯିଏ ସର୍ବବ୍ୟାପକ ସେ ଏକା ସମୟରେ ସବୁ ସ୍ଥାନରେ ଥାଆନ୍ତି । ସର୍ବବ୍ୟାପକ ପଦାର୍ଥ ଏକଦେଶୀ କେବେ ହୋଇ ହିଁ ପାରନ୍ତି ନାହିଁ । ଈଶ୍ୱର ଅନନ୍ତ, ଅସୀମ । ରୂପ ବା ଆକାରର ସୀମା, ଅନ୍ତ ଅଛି । ଅନନ୍ତ କେବେ ସାନ୍ତ ହୋଇପାରିବ ନାହିଁ ।

୩୮.ପ୍ର - 'ଈଶ୍ୱର ଶରୀର ଧାରଣ କରନ୍ତି ନାହିଁ', ଏ ବିଷୟରେ କ'ଣ କିଛି ପ୍ରମାଣ ଅଛି ?

ଉ - ହଁ, ଯଜୁର୍ବେଦର ୪୦ତମ ଅଧ୍ୟାୟର ୮ମ ମନ୍ତ୍ରରେ ଈଶ୍ୱରଙ୍କୁ 'ଅକାୟମ୍' ଅର୍ଥାତ୍ ଶରୀରରହିତ ବୋଲି କୁହାଯାଇଛି ।

୩୯.ପ୍ର - ଜଳ ଯେପରି ଉତ୍ତପ୍ତ ହେଲେ ବାଷ୍ପ ହୋଇ ବ୍ୟାପକ ହୋଇଯାଏ ଏବଂ ଅତି ଶୀତଳ ହେଲେ ଘନୀଭୂତ ହୋଇ କଠିନ ବରଫ ପାଲଟିଯାଏ, ଈଶ୍ୱର କ'ଣ ସେପରି ଘନୀଭୂତ ହୋଇ କୌଣସି ରୂପ, ଆକାର ଧାରଣ କରିପାରନ୍ତି ?

ଉ - ବାଷ୍ପ ଛୋଟ-ଛୋଟ ପରମାଣୁଗୁଡ଼ିକର ସମୂହ । ଏ ଅବସ୍ଥାରେ ପରମାଣୁଗୁଡ଼ିକ ମଧ୍ୟରେ ଶୂନ୍ୟସ୍ଥାନ ଥାଏ । ଏଣୁ ଶୀତଳ କଲେ ପରମାଣୁଗୁଡ଼ିକ ଘନୀଭୂତ ହୋଇ ପରସ୍ପର ସହ ଯୋଡ଼ି ହୋଇ ନିର୍ଦ୍ଦିଷ୍ଟ ଆକାର ଧାରଣ କରନ୍ତି । କିନ୍ତୁ ଈଶ୍ୱର ଗୋଟିଏ ଅଖଣ୍ଡ ତତ୍ତ୍ୱ । ଅନେକ ପରମାଣୁର ସମାହାର ନୁହନ୍ତି । ଈଶ୍ୱରଙ୍କ ଭିତରେ ଶୂନ୍ୟସ୍ଥାନ ଆଦୌ ନାହିଁ । ଏଣୁ ସେ ଘନୀଭୂତ ହେବାର ସମ୍ଭାବନା ନାହିଁ ।

୪୦.ପ୍ର - କ'ଣ ରାମ, କୃଷ୍ଣ, ଶିବ ଆଦି ମହାପୁରୁଷମାନେ ବି ଈଶ୍ୱରଙ୍କ ଭକ୍ତି କରୁଥିଲେ ?

ଉ - ହଁ । ରାମ, କୃଷ୍ଣ, ଶିବ ଆଦି ମହାପୁରୁଷମାନେ ବି ଈଶ୍ୱରଙ୍କ ଭକ୍ତି କରୁଥିଲେ ।

୪୧.ପ୍ର - ପରମେଶ୍ୱର ସଗୁଣ ନା ନିର୍ଗୁଣ ?

ଉ - ପରମେଶ୍ୱର ସଗୁଣ ଓ ନିର୍ଗୁଣ ଉଭୟ ଅଟନ୍ତି ।

୪୨.ପ୍ର - ସଗୁଣ ଓ ନିର୍ଗୁଣ ତ ପରସ୍ପରର ବିରୋଧୀ । ଉଭୟ ଏକତ୍ର କିପରି ସମ୍ଭବ ?

ଉ - ଗୁଣର ସଂଖ୍ୟା ଅନେକ ହୋଇଥିବାରୁ ଏଭଳି ସ୍ଥିତି ସମ୍ଭବ । ଯଦି ଗୁଣ ଗୋଟିଏ ମାତ୍ର ହୋଇଥାନ୍ତା ତେବେ ଏଭଳି ହୋଇନଥାନ୍ତା । ଏକ ନିର୍ଦ୍ଦିଷ୍ଟ ଗୁଣ ଦୃଷ୍ଟିରୁ ଈଶ୍ୱର ସଗୁଣ ଅଥବା ନିର୍ଗୁଣ ଅଟନ୍ତି, ଉଭୟ ନୁହନ୍ତି । ଯେଉଁ-ଯେଉଁ ଗୁଣ ଈଶ୍ୱରଙ୍କଠାରେ ବିଦ୍ୟମାନ ସେସବୁ ଦୃଷ୍ଟିରୁ ଈଶ୍ୱର ସଗୁଣ ଏବଂ ଯେଉଁସବୁ ଗୁଣ ଈଶ୍ୱରଙ୍କଠାରେ ନାହିଁ ସେସବୁ ଗୁଣ ଦୃଷ୍ଟିରୁ ଈଶ୍ୱର ନିର୍ଗୁଣ । ପରମେଶ୍ୱର ଅନନ୍ତ ଜ୍ଞାନ, ବଳ, ଆନନ୍ଦ ଆଦି ଗୁଣରେ ଯୁକ୍ତ ହୋଇଥିବାରୁ ସଗୁଣ ତଥା ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ଜଡ଼ ପଦାର୍ଥର ଗୁଣ ଓ ରାଗ-ଦ୍ୱେଷ ଆଦି ଜୀବର ଗୁଣରୁ ରହିତ ହୋଇଥିବାରୁ ନିର୍ଗୁଣ ଅଟନ୍ତି ।

୪୩.ପ୍ର - କୁହାଯାଏ ଯେ ବ୍ରହ୍ମା ସୃଷ୍ଟିକୁ ଉତ୍ପନ୍ନ କରନ୍ତି, ବିଷ୍ଣୁ ସୃଷ୍ଟିକୁ ପାଳନ କରନ୍ତି ଏବଂ ଶିବ ସୃଷ୍ଟିର ସଂହାର କରନ୍ତି । କ'ଣ ଏ ତିନୋଟି ଦେବତା ଏ ତିନି କାମ କରନ୍ତି ?

ଉ - ନା । ବ୍ରହ୍ମା, ବିଷ୍ଣୁ ଓ ଶିବ ଏକ ଈଶ୍ୱରଙ୍କର ହିଁ ଭିନ୍ନ-ଭିନ୍ନ ନାମ ଏବଂ ସେ ଜଣେ ହିଁ ସୃଷ୍ଟିର ଉତ୍ପତ୍ତି, ପାଳନ ଓ ପ୍ରଳୟ କରନ୍ତି ।

୪୪.ପ୍ର - କ'ଣ ସଂସାରରେ ଯେତେ ପାପ ହେଉଛି ସେସବୁ ଈଶ୍ୱର କରାଉଛନ୍ତି / ଈଶ୍ୱରଙ୍କ ପ୍ରେରଣାରେ ହେଉଛି ?

ଉ - ଈଶ୍ୱର ପବିତ୍ର ଅଟନ୍ତି । ଏଣୁ ସେ ନିଜେ ପାପ କରନ୍ତି ନାହିଁ କି ପାପ କରିବାକୁ କାହାକୁ ପ୍ରେରଣା ଦିଅନ୍ତି ନାହିଁ । ଅତଏବ ସଂସାରରେ ଯାହା ବି ପାପ ହେଉଛି ତାହା ଈଶ୍ୱର କରାଉ ନାହାନ୍ତି/ ଈଶ୍ୱରଙ୍କ ପ୍ରେରଣାରେ ହେଉ ନାହିଁ ।

୪୫.ପ୍ର - ତେବେ ସଂସାରରେ ଯେତେ ପାପ, ଅନ୍ୟାୟ ହେଉଛି ତା' ପାଇଁ ଦାୟୀ କିଏ ?

ଉ - ସଂସାରରେ ଯେତେ ପାପ, ଅନ୍ୟାୟ ହେଉଛି ଜୀବ ହିଁ ସେସବୁର କର୍ତ୍ତା । ଏଣୁ ସେ ହିଁ ଏସବୁ ପାଇଁ ଦାୟୀ ।

୪୬.ପ୍ର - ଜୀବ କାହିଁକି ପାପାଚରଣ କରେ ?

ଉ - ଅବିଦ୍ୟା, ରାଗ, ଦ୍ୱେଷାଦି ଯୋଗୁଁ ଜୀବ ପାପାଚରଣ କରେ ।

୪୭.ପ୍ର - କ'ଣ ଈଶ୍ୱର ନିଜ ଭକ୍ତଙ୍କ ପାପ, ଖରାପ କର୍ମର ଦୁଃଖରୂପକ ଫଳ କ୍ଷମା କରନ୍ତି ?

ଉ - ନା । ଈଶ୍ୱର ନ୍ୟାୟକାରୀ । ଈଶ୍ୱର କୌଣସି ବ୍ୟକ୍ତିର କୌଣସି ବି ପାପର ଫଳ କୌଣସି ପରିସ୍ଥିତିରେ ମଧ୍ୟ କ୍ଷମା କରନ୍ତି ନାହିଁ । ପାପର ଫଳ ଦୁଃଖ ନିଶ୍ଚିତ ରୂପେ ଦିଅନ୍ତି । ଏକଥା ମନେ ରଖି ସର୍ବଦା ପାପରୁ ଦୂରେଇ ରହିବା ଉଚିତ ।

୪୮.ପ୍ର - ଯଦି ଈଶ୍ୱର ପାପର ଫଳ କ୍ଷମା କରନ୍ତି ନାହିଁ, ତେବେ ତାଙ୍କ ଭକ୍ତି କରିବାର ଲାଭ କ'ଣ ?

ଉ - ଈଶ୍ୱରଙ୍କ ଭକ୍ତି କରିବା ଦ୍ୱାରା ଭବିଷ୍ୟତରେ ଖରାପ କର୍ମ ନ କରିବାର ପ୍ରେରଣା ଈଶ୍ୱରଙ୍କଠୁ ମିଳେ ତଥା ଘୋର ଦୁଃଖ, କଷ୍ଟ, ବିପତ୍ତି ଆସିଲେ ବି ତାକୁ ସହନ କରିବାର ଶକ୍ତି ମିଳେ ।

୪୯.ପ୍ର - ଈଶ୍ୱର ସର୍ବଜ୍ଞ, ସର୍ବଶକ୍ତିମାନ୍ ତଥା ଜୀବଙ୍କ ହିତୈଷୀ । ତେବେ ସେ ପାପ କରିବା ସମୟରେ ବ୍ୟକ୍ତିକୁ ଅଟକାନ୍ତି ନାହିଁ କାହିଁକି ?

ଉ - ଈଶ୍ୱର ସର୍ବଜ୍ଞ, ସର୍ବଶକ୍ତିମାନ୍ ତଥା ଜୀବଙ୍କ ହିତୈଷୀ । ବ୍ୟକ୍ତି ପାପ କରିବାକୁ ଚିନ୍ତା କରିବା ମାତ୍ରେ ଈଶ୍ୱର ତତ୍କ୍ଷଣାତ୍ ଜାଣିପାରନ୍ତି । ଏଣୁ ଅନ୍ତର ଭିତରେ ଭୟ, ଲଜ୍ଜା ଓ ଶଙ୍କା ଉତ୍ପନ୍ନ କରି ପାପ କରିବାକୁ ବାରଣ କରନ୍ତି । ଜୀବ ପାପ କରିବାକୁ ଚାହିଁବା ମାତ୍ରେ ଈଶ୍ୱର ସର୍ବଦା ଏଭଳି ଭାବେ ରୋକିବାର ଉପାୟ କରନ୍ତି । କିନ୍ତୁ ଜୀବ କର୍ମ କରିବାରେ ସ୍ୱତନ୍ତ୍ର । ଏଣୁ ଈଶ୍ୱର ତାକୁ ପାପ କରିବାରୁ ଜବରଦସ୍ତ ଭାବେ ରୋକନ୍ତି ନାହିଁ । ଯଦି ପାପ କରିବା ସମୟରେ ଈଶ୍ୱର ବ୍ୟକ୍ତିକୁ ଜବରଦସ୍ତ ଅଟକାଇବେ, ତେବେ ଜୀବାତ୍ମା ସ୍ୱତନ୍ତ୍ର ନ ହୋଇ ପରତନ୍ତ୍ର ହୋଇଯିବ ଏବଂ ପରତନ୍ତ୍ରକୁ କର୍ମର ଫଳ ମିଳିପାରିବ ନାହିଁ ।

୫୦.ପ୍ର - ଈଶ୍ୱରଙ୍କ ଧ୍ୟାନ କରିବା ଦ୍ୱାରା କ'ଣ ଲାଭ ହୁଏ ?

ଉ - ଈଶ୍ୱରଙ୍କ ଧ୍ୟାନ କରିବା ଦ୍ୱାରା ମନ ଉପରେ ଅଧିକାର ହୁଏ, ଇନ୍ଦ୍ରିୟଗୁଡ଼ିକ ଉପରେ ନିୟନ୍ତ୍ରଣ ହୁଏ, ଏକାଗ୍ରତା ବଢ଼େ, ସ୍ମୃତିଶକ୍ତି ତୀବ୍ର ହୁଏ, ବୁଦ୍ଧି ଠିକ୍ ଓ ଶୀଘ୍ର ନିର୍ଣ୍ଣୟ ଗ୍ରହଣକାରୀ ହୁଏ, ଅଶୁଭ ସଂସ୍କାର ସମୂହ ନଷ୍ଟ ହୋଇଯାନ୍ତି, ଉତ୍ତମ ସଂସ୍କାର ଜାଗ୍ରତ ହୁଅନ୍ତି, ଆତ୍ମିକ ବଳ ବଢ଼େ, ଧୈର୍ଯ୍ୟ, ସହନଶକ୍ତି, କ୍ଷମା, ଦୟା, ନିଷ୍କାମତା ବୃଦ୍ଧି ହୁଏ ଏବଂ ବିଶେଷ ଆନନ୍ଦ, ଶାନ୍ତି, ନିର୍ଭୀକତାର ପ୍ରାପ୍ତି ହୁଏ ।

୫୧.ପ୍ର - ଈଶ୍ୱରଙ୍କୁ ନ ମାନିଲେ ହାନି କ'ଣ ?

ଉ - ଈଶ୍ୱରଙ୍କୁ ନ ମାନିଲେ ଅନେକ ହାନି ଅଛି । ଯଥା —

କ. ଈଶ୍ୱର ଆମ ପାଇଁ ଏ ସଂସାର ତିଆରି କରିଛନ୍ତି ଏବଂ ବିବିଧ

ପ୍ରକାରରେ ଆମର ପାଳନ କରୁଛନ୍ତି । ତାଙ୍କ ଉପକାର ନ ମାନିବା କୃତଘ୍ନତା ଅଟେ ।

ଖ. ଈଶ୍ୱର ସର୍ବଜ୍ଞ, ସର୍ବବ୍ୟାପକ, ସର୍ବଶକ୍ତିମାନ୍ ଓ ନ୍ୟାୟକାରୀ । ତାଙ୍କୁ ନ ମାନିଲେ ଆମେ ସଂସାର ଆଇନ୍‌ରୁ ଖସିଯିବାର ସମ୍ଭାବନା ଦେଖିଲେ ଅଥବା ଅନ୍ୟ କେହି ଦେଖୁନଥିବା ସ୍ଥିତିରେ, ଏକାନ୍ତରେ ନିର୍ଭୀକ ଭାବେ ପାପାଚରଣ କରିବା । ପରିଣାମସ୍ୱରୂପ ଆମେ ନ ମାନିଲେ ବି ନ୍ୟାୟକାରୀ ଈଶ୍ୱର ବିଦ୍ୟମାନ ଥିବାରୁ ଦଣ୍ଡସ୍ୱରୂପ ଦୁଃଖ ଅବଶ୍ୟ ପାଇବା ।

ଗ. ଆମ ଭଲ କାମର ଫଳ ତୁରନ୍ତ ସଂସାରରୁ ନ ମିଳିଲେ ଈଶ୍ୱରଙ୍କୁ ନ ମାନୁଥିଲେ ଆମେ ଭଲ କାମ କରିବାକୁ ହତୋତ୍ସାହିତ ହୋଇଥାଉ ଏବଂ ଭଲ କାମ ଛାଡ଼ିଦେଇଥାଉ । ଈଶ୍ୱରଙ୍କ ସତ୍ତା ଓ ନ୍ୟାୟକାରିତାକୁ ମାନିଲେ ଆମେ ହତୋତ୍ସାହିତ ହେବା ନାହିଁ ଓ ଭଲ କାମ କରିଚାଲିବା ଏବଂ ପରିଣାମସ୍ୱରୂପ ଯଥା ସମୟରେ ସୁଫଳ ମିଳିବ ।

ଘ. କୌଣସି ବି ଶୁଭକର୍ମର ସଫଳତାରେ ଈଶ୍ୱରଙ୍କ ସହଯୋଗର ମହତୀ ଭୂମିକା ଥାଏ । କୌଣସି ଶୁଭକାର୍ଯ୍ୟରେ ସଫଳତା ମିଳିଲେ ଆମେ ଈଶ୍ୱରଙ୍କୁ ନ ମାନିଲେ ସେ ସଫଳତାର ସବୁ ଶ୍ରେୟ ଆମେ ନିଜେ ନେଇ ଅଭିମାନୀ, ଅହଂକାରୀ ହୋଇଯିବା ।

ଙ. ଈଶ୍ୱରଙ୍କ ପାଖରେ ଅନନ୍ତ ଦିବ୍ୟ ଗୁଣ ରହିଛି । ଆମେ ଈଶ୍ୱରଙ୍କୁ ନ ମାନିଲେ ତାଙ୍କଠାରୁ ଦିବ୍ୟ ଗୁଣ ପ୍ରାପ୍ତ କରିପାରିବା ନାହିଁ ।

୫୨.ପ୍ର - ପ୍ରକୃତି କାହାକୁ କହନ୍ତି ?

ଉ - ସତ୍ତ୍ୱ, ରଜ ଓ ତମ ଏ ତିନୋଟି ତତ୍ତ୍ୱର ପରମାଣୁଗୁଡ଼ିକର ସାମୁହିକ ନାମକୁ ପ୍ରକୃତି କହନ୍ତି ।

୫୩.ପ୍ର - ପରମାଣୁ କ'ଣ ?

ଉ - ପରମ + ଅଣୁ = ପରମାଣୁ । ଶାସ୍ତ୍ରୀୟ ଭାଷାରେ ସେହି ପରମ ସୂକ୍ଷ୍ମ କଣିକାକୁ ପରମାଣୁ କୁହାଯାଏ ଯାହାକୁ ଆଉ ଖଣ୍ଡ କରାଯାଇପାରେ ନାହିଁ ।

୫୪.ପ୍ର - ପ୍ରକୃତିର ଉପଯୋଗିତା କ'ଣ ?

ଉ - ପ୍ରକୃତି ସୃଷ୍ଟିର ଉପାଦାନ କାରଣ ।

୫୫.ପ୍ର - କାରଣ କାହାକୁ କହନ୍ତି ?

ଉ - କାର୍ଯ୍ୟ ପୂର୍ବରୁ ଯାହା ବିଦ୍ୟମାନ ରହିବା ଆବଶ୍ୟକ ଅର୍ଥାତ୍ ଯାହାର ସହଯୋଗରେ ହିଁ କାର୍ଯ୍ୟ ପଦାର୍ଥ ଉତ୍ପନ୍ନ ହୁଏ ଏବଂ ଯାହା ବିନା କାର୍ଯ୍ୟ ହୋଇପାରେ ନାହିଁ ତାହାକୁ କାରଣ କହନ୍ତି ।

୫୬.ପ୍ର - କାରଣ କେତୋଟି ଓ କ'ଣ କ'ଣ ?

ଉ - କାରଣ ତିନୋଟି—୧. ନିମିତ୍ତ କାରଣ, ୨. ଉପାଦାନ କାରଣ, ୩. ସାଧାରଣ କାରଣ ।

୫୭.ପ୍ର - ନିମିତ୍ତକାରଣ କାହାକୁ କହନ୍ତି ?

ଉ - ଯିଏ ତିଆରି କଲେ କୌଣସି ବସ୍ତୁ ତିଆରି ହୁଏ, ନକଲେ କିଛି ହୁଏ ନାହିଁ, ତାକୁ ନିମିତ୍ତ କାରଣ କୁହାଯାଏ । ଯିଏ ନିଜେ ଅପରିବର୍ତ୍ତିତ ରହି ଉପାଦାନରୁ କୌଣସି ବସ୍ତୁ ତିଆରି କରେ ତାକୁ ନିମିତ୍ତକାରଣ କହନ୍ତି ।

୫୮.ପ୍ର - ନିମିତ୍ତକାରଣ କେତେ ପ୍ରକାର ଓ କ'ଣ କ'ଣ ?

ଉ - ନିମିତ୍ତକାରଣ ଦୁଇ ପ୍ରକାର— ୧. ମୁଖ୍ୟ ନିମିତ୍ତକାରଣ ଏବଂ ୨. ସାଧାରଣ ନିମିତ୍ତକାରଣ ।

୫୯.ପ୍ର - ସୃଷ୍ଟିର ମୁଖ୍ୟ ନିମିତ୍ତକାରଣ କିଏ ଓ ସାଧାରଣ ନିମିତ୍ତକାରଣ କିଏ ?

ଉ - ପରମାତ୍ମା ସୃଷ୍ଟିର ମୁଖ୍ୟ ନିମିତ୍ତକାରଣ ଯିଏକି ପ୍ରକୃତିରୁ ସୃଷ୍ଟି ରଚନା କରନ୍ତି, ତା'ର ବ୍ୟବସ୍ଥା କରନ୍ତି ଏବଂ ପ୍ରଳୟ କରନ୍ତି । ଜୀବାତ୍ମା ସଂସାରର ସାଧାରଣ ନିମିତ୍ତକାରଣ ଯିଏକି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପଦାର୍ଥକୁ ନେଇ ଅନେକ ନୂଆ-ନୂଆ ପଦାର୍ଥ ତିଆରି କରେ ।

୬୦.ପ୍ର - ଉପାଦାନ କାରଣ କାହାକୁ କହନ୍ତି ?

ଉ - ଯେଉଁ କାରଣ ପଦାର୍ଥରୁ କୌଣସି ବସ୍ତୁ ତିଆରି କରାଯାଏ ସେହି କାରଣ ପଦାର୍ଥଟିକୁ ନିର୍ମିତ ବସ୍ତୁର ଉପାଦାନ କାରଣ କୁହାଯାଏ । ମାଟିରୁ ହାଣ୍ଡି, ମାଠିଆ, ଇଟା ଆଦି ତିଆରି କରାଯାଏ । ଏଣୁ ମାଟିକୁ ହାଣ୍ଡି, ମାଠିଆ, ଇଟା ଆଦିର ଉପାଦାନ କାରଣ କୁହାଯାଏ । ପ୍ରକୃତିରୁ ଭୌତିକ ସଂସାର ତିଆରି ହୁଏ, ଅତଃ ପ୍ରକୃତି ସଂସାରର ଉପାଦାନ କାରଣ ।

୬୧.ପ୍ର - ସାଧାରଣ କାରଣ କାହାକୁ କହନ୍ତି ?

ଉ - ଯେଉଁ ସାଧନର ସହଯୋଗରେ କୌଣସି ବସ୍ତୁ ତିଆରି ହୁଏ, ସେସବୁକୁ ସେ ନିର୍ମିତ ବସ୍ତୁର ସାଧାରଣ କାରଣ କହନ୍ତି । ଯଥା— ହାଣ୍ଡି ତିଆରି କରିବା ପାଇଁ ଜ୍ଞାନ, ଦର୍ଶନ, ବଳ, ହାତ, ଦିଗ, କାଳ, ସ୍ଥାନ, ପ୍ରକାଶ, କ୍ରିୟା, ଚକ, ଦଣ୍ଡ, ଅଗ୍ନି ସାଧାରଣ କାରଣର ଅନ୍ତର୍ଗତ ।

✵ ✵ ✵

# ସଂସାର

୧. ପ୍ର - ସଂସାର ଉତ୍ପତ୍ତିର ପଦ୍ଧତି କ'ଣ ?

ଉ - ପ୍ରକୃତିରୁ ସର୍ବପ୍ରଥମେ ମହତତ୍ତ୍ୱ ନାମକ ତତ୍ତ୍ୱ ଉତ୍ପନ୍ନ ହୁଏ । ମହତତ୍ତ୍ୱରୁ ଅହଂକାର ନାମକ ତତ୍ତ୍ୱ ଉତ୍ପନ୍ନ ହୁଏ । ଅହଂକାରରୁ ପଞ୍ଚତନ୍ମାତ୍ର ଏବଂ ଏକାଦଶ ଇନ୍ଦ୍ରିୟ ତିଆରି ହୁଏ । ତନ୍ମାତ୍ରରୁ ପଞ୍ଚମହାଭୂତ ଉତ୍ପନ୍ନ ହୁଏ । ପଞ୍ଚମହାଭୂତରୁ ଏ ସଂସାର ତିଆରି ହୁଏ ।

୨. ପ୍ର - ଗୋଟିଏ ସୃଷ୍ଟି(ସଂସାର)ର ସମୟ କେତେ ?

ଉ - ଏକ ସୃଷ୍ଟିର ସମୟ ଏକ ହଜାର ଚତୁର୍ଯୁଗୀ ବା ୪୩୨ କୋଟି ବର୍ଷ ।

୩. ପ୍ର - ଯୁଗ କାହାକୁ କହନ୍ତି ?

ଉ - ସମୟର ଏକ ନିର୍ଦ୍ଦିଷ୍ଟ ଅବଧିକୁ ଯୁଗ କହନ୍ତି ।

୪. ପ୍ର - ଯୁଗ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଯୁଗ ଚାରି ପ୍ରକାର— ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପରଯୁଗ ଓ କଳିଯୁଗ ।

୫. ପ୍ର - ଭିନ୍ନ-ଭିନ୍ନ ଯୁଗର ସମୟ ସମାନ ନା ଅଲଗା ?

ଉ - ଭିନ୍ନ-ଭିନ୍ନ ଯୁଗର ସମୟ ସମାନ ନୁହେଁ, ଅଲଗା । କଳିଯୁଗର ସମୟ—୪ଲକ୍ଷ ୩୨ ହଜାର (୪,୩୨,୦୦୦) ବର୍ଷ । କଳିଯୁଗର ସମୟର ଦୁଇଗୁଣ ଦ୍ୱାପରଯୁଗ, ତିନିଗୁଣ ତ୍ରେତୟାଯୁଗ

ଓ ଚାରିଗୁଣ ସତ୍ୟଯୁଗର ସମୟ । ଅତଃ ଦ୍ୱାପରଯୁଗ— ୪୩୨୦୦୦x୨= ୮ ଲକ୍ଷ ୬୪ ହଜାର ବର୍ଷ, ତ୍ରେତୟାଯୁଗ — ୪୩୨୦୦୦x ୩=୧୨ ଲକ୍ଷ ୯୬ ହଜାର ବର୍ଷ ଏବଂ ସତ୍ୟଯୁଗ— ୪୩୨୦୦୦x ୪ = ୧୭ଲକ୍ଷ ୨୮ ହଜାର ବର୍ଷ ।

୬. ପ୍ର - ଚତୁର୍ଯୁଗୀ କାହାକୁ କହନ୍ତି ?

ଉ - ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି—ଏ ଚାରୋଟି ଯୁଗର ସମାହାରକୁ ଚତୁର୍ଯୁଗୀ କୁହାଯାଏ । ଅତଏବ ଏକ ଚତୁର୍ଯୁଗୀର ସମୟ = ୧୭, ୨୮,୦୦୦ + ୧୨, ୯୬, ୦୦୦ + ୮, ୬୪, ୦୦୦ + ୪,୩୨,୦୦୦= ୪୩, ୨୦, ୦୦୦ (୪୩ ଲକ୍ଷ ୨୦ ହଜାର) ବର୍ଷ ।

୭. ପ୍ର - କେଉଁ ଯୁଗରେ ପାପ-ପୁଣ୍ୟର ମାତ୍ରା କେତେ କମ୍-ଅଧିକ ଥାଏ ?

ଉ - ଯେଉଁଭଳି ସେଣ୍ଟିମିଟର-ମିଟର-କିଲୋମିଟର ଆଦି ଦୂରତା ମାପିବାର ଏକକ, ଯେଉଁଭଳି ଗ୍ରାମ-କିଲୋଗ୍ରାମ-କ୍ୱିଣ୍ଟାଲ-ଟନ୍ ଆଦି ଓଜନ ମାପିବାର ଏକକ, ସେହିଭଳି ଯୁଗ ସମୟ ମାପିବାର ଏକ ଏକକ । ଏହା ସହ ପୁଣ୍ୟ-ପାପର କୌଣସି ସମ୍ବନ୍ଧ ନାହିଁ । ଯୁଗ ଯୋଗୁଁ ଧର୍ମ-ଅଧର୍ମ, ପୁଣ୍ୟ-ପାପ ହୁଏ ନାହିଁ । ପୁଣ୍ୟ-ପାପ ମନୁଷ୍ୟର କର୍ମ ଉପରେ ଆଧାରିତ । ପ୍ରତ୍ୟେକ ଯୁଗରେ ଭଲ-ମନ୍ଦ ଉଭୟ ପ୍ରକାର ବ୍ୟକ୍ତି ଥାଆନ୍ତି । ଏଣୁ ପ୍ରତ୍ୟେକ କାଳରେ ଧର୍ମ-ଅଧର୍ମ ଉଭୟ ପ୍ରବୃତ୍ତି ଚାଲିଥାଏ । ତେଣୁ କୌଣସି ଯୁଗରେ ପାପ-ପୁଣ୍ୟ କମ୍-ଅଧିକ ହେବାର କୌଣସି ନିଶ୍ଚିତ ନିୟମ ନାହିଁ ।

୮. ପ୍ର - ଗୋଟିଏ ସୃଷ୍ଟିରେ କେତୋଟି ମନ୍ୱନ୍ତର ଥାଏ ଓ କ'ଣ କ'ଣ ?

ଉ - ଗୋଟିଏ ସୃଷ୍ଟିରେ ୧୪ଟି ମନ୍ୱନ୍ତର ଥାଏ—୧. ସ୍ୱାୟଂଭୁବ, ୨. ସ୍ୱାରୋଚିଷ, ୩. ଔତ୍ତମି, ୪. ତାମସ, ୫. ରୈବତ, ୬. ଚାକ୍ଷୁଷ, ୭. ବୈବସ୍ୱତ, ୮. ସାବର୍ଣ୍ଣି, ୯. ଦକ୍ଷସାବର୍ଣ୍ଣି, ୧୦. ବ୍ରହ୍ମସାବର୍ଣ୍ଣି, ୧୧. ଧର୍ମସାବର୍ଣ୍ଣି, ୧୨. ରୁଦ୍ରସାବର୍ଣ୍ଣି, ୧୩. ରୌଚ୍ୟଦେବ ସାବର୍ଣ୍ଣି, ୧୪. ଇନ୍ଦ୍ରସାବର୍ଣ୍ଣି ।

୯. ପ୍ର - ଗୋଟିଏ ମନ୍ୱନ୍ତରର ସମୟ କେତେ ?

ଉ - ଗୋଟିଏ ମନ୍ୱନ୍ତରର ସମୟ ୭୧ ଚତୁର୍ଯୁଗୀ ଅର୍ଥାତ୍ ୩୦ କୋଟି ୬୭ ଲକ୍ଷ ୨୦ ହଜାର ବର୍ଷ ।

୧୦.ପ୍ର - ସୃଷ୍ଟିର ସମୟ ୧୦୦୦ ଚତୁର୍ଯୁଗୀରୁ ପ୍ରତି ମନ୍ୱନ୍ତରରେ ୭୧ ଚତୁର୍ଯୁଗୀ ହିସାବରେ ୧୪ ମନ୍ୱନ୍ତରରେ ମୋଟ ୧୪ x ୭୧ = ୯୯୪ ଚତୁର୍ଯୁଗୀ ହୁଏ । ବାକି ୬ ମନ୍ୱନ୍ତରର ସମୟ କ'ଣ ?

ଉ - ପ୍ରକୃତିର ପରମାଣୁ ଗୁଡ଼ିକରେ ସାମ୍ୟ ଅବସ୍ଥାରୁ ପ୍ରତିକ୍ରିୟା ଆରମ୍ଭ ହୋଇ ସୃଷ୍ଟି ନିର୍ମାଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ୬ ଚତୁର୍ଯୁଗୀ ସମୟ ଲାଗେ । ଏହିଭଳି ଭାବେ ସୃଷ୍ଟିର ସମୟ ୯୯୪ + ୬ = ୧୦୦୦ ଚତୁର୍ଯୁଗୀ ।

୧୧.ପ୍ର - ବର୍ତ୍ତମାନ କେଉଁ ମନ୍ୱନ୍ତର ଚାଲୁଛି ?

ଉ - ବର୍ତ୍ତମାନ ସପ୍ତମ ଅର୍ଥାତ୍ ବୈବସ୍ୱତ ମନ୍ୱନ୍ତର ଚାଲିଛି ।

୧୨.ପ୍ର - ବର୍ତ୍ତମାନ ବୈବସ୍ୱତ ମନ୍ୱନ୍ତରର କେଉଁ ଯୁଗ ଚାଲିଛି ?

ଉ - ବର୍ତ୍ତମାନ ବୈବସ୍ୱତ ମନ୍ୱନ୍ତରର ୨୮ତମ ଚତୁର୍ଯୁଗୀ ଅନ୍ତର୍ଗତ କଳିଯୁଗ ଚାଲିଛି ।

୧୩.ପ୍ର - ବର୍ତ୍ତମାନ କଳିଯୁଗର କେତେ ସମୟ ଅତୀତ ହୋଇଛି ?

ଉ - ଖ୍ରୀଷ୍ଟାବ୍ଦ-୨୦୧୫ ସୁଦ୍ଧା କଳିଯୁଗର ୫୧୧୫ ବର୍ଷ ଅତୀତ ହୋଇଛି ।

୧୪.ପ୍ର - ସୃଷ୍ଟିର ନବବର୍ଷ କେଉଁ ଦିନଠାରୁ ଆରମ୍ଭ ହୁଏ ?

ଉ - ସୃଷ୍ଟିର ନବବର୍ଷ ପ୍ରତି ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ଆରମ୍ଭ ହୁଏ ।

୧୫.ପ୍ର - ଆଗାମୀ ସତ୍ୟଯୁଗ ଆସିବା ପାଇଁ ଆଉ କେତେ ବର୍ଷ ବାକି ଅଛି ?

ଉ - କଳିଯୁଗର ସମୟ ୪ଲକ୍ଷ ୩୨ ହଜାର ବର୍ଷରୁ ଖ୍ରୀଷ୍ଟାବ୍ଦ-୨୦୧୫ ସୁଦ୍ଧା କଳିଯୁଗର ମାତ୍ର ୫୧୧୫ ବର୍ଷ ବିତିଛି । ଏଣୁ କଳିଯୁଗ ସମାପ୍ତ ହୋଇ ସତ୍ୟଯୁଗ ଆସିବାକୁ ଆହୁରି ୪, ୨୬, ୮୮୫ ବର୍ଷ ବାକି ଅଛି ।

୧୬.ପ୍ର - ଶୁଣାଯାଏ ଯେ ଚାରିଆଡ଼େ ପାପ ବଢ଼ିଲାଣି । ଏଣୁ କଳିଯୁଗ ଅଳ୍ପ ଦିନ ଭିତରେ ସରିଯିବ ଓ ସତ୍ୟଯୁଗ ଆସିଯିବ । କ'ଣ ଏହା ସତ୍ୟ ?

ଉ - ନା । ପୂର୍ବରୁ କୁହାଯାଇଛି ଯେ ପାପ-ପୁଣ୍ୟ ସହ ଯୁଗର କୌଣସି ସମ୍ପର୍କ ନାହିଁ । କୌଣସି ଦିନ ପାପ ବଢ଼ିଗଲା ବୋଲି ସେଦିନ ପୃଥିବୀର ନିଜ ଅକ୍ଷ ଚତୁର୍ଦ୍ଦିଗରେ ଭ୍ରମଣର ଗତି କ'ଣ ୫୦ କି ୧୦୦ ଗୁଣ ବଢ଼ିଯାଏ ନା ସୂର୍ଯ୍ୟୋଦୟର ୧୫-୨୦ ମିନିଟ୍ ପରେ ସୂର୍ଯ୍ୟାସ୍ତ ହୋଇଯାଏ ? ସୂର୍ଯ୍ୟୋଦୟର ୧୫-୨୦ ମିନିଟ୍ ପରେ ସୂର୍ଯ୍ୟାସ୍ତ ହୋଇଯିବ ବୋଲି କହିବା ଯେପରି ଅଜ୍ଞତା ସେହିପରି ଅଳ୍ପଦିନ ମଧ୍ୟରେ କଳିଯୁଗ ଶେଷ ହେବ ବୋଲି କହିବା ବି ବାତୁଳତା ।

୧୭.ପ୍ର - ବର୍ତ୍ତମାନ ସୃଷ୍ଟିର କେତେ ବର୍ଷ ବିତିଗଲାଣି ?

ଉ - ବର୍ତ୍ତମାନ ଖ୍ରୀଷ୍ଟାବ୍ଦ-୨୦୧୫ ସୁଦ୍ଧା ସୃଷ୍ଟିର ୧୯୬ କୋଟି ୮ ଲକ୍ଷ ୫୩ ହଜାର ୧୧୫ ବର୍ଷ ଅତୀତ ହୋଇଛି ।

୧୮.ପ୍ର - ସୃଷ୍ଟି ପରେ କ'ଣ ହୁଏ ?

ଉ - ସୃଷ୍ଟି ପରେ ପ୍ରଳୟ ହୁଏ ।

୧୯.ପ୍ର - ପ୍ରଳୟ କାହାକୁ କହନ୍ତି ?

ଉ - ମାଟି ହାଣ୍ଡିଟିଏ ଭାଙ୍ଗି ଖଣ୍ଡ-ଖଣ୍ଡ ହୋଇ ଧୀରେ-ଧୀରେ ପୁଣି ମାଟିରେ ମିଶିଗଲା ଭଳି ପ୍ରକୃତିରୁ ଉତ୍ପନ୍ନ ସୃଷ୍ଟି (ସଂସାର) ପୁଣିଥରେ ପ୍ରକୃତିରେ ରୂପାନ୍ତରିତ ହୋଇଯିବାକୁ ପ୍ରଳୟ କୁହାଯାଏ ।

୨୦.ପ୍ର - ପ୍ରଳୟର ପଦ୍ଧତି କ'ଣ ?

ଉ - ସୃଷ୍ଟି ଉତ୍ପତ୍ତିର ବିପରୀତ କ୍ରମରେ ପ୍ରଳୟ ହୁଏ । ଦୃଶ୍ୟମାନ ଜଗତ ପଞ୍ଚମହାଭୂତରେ, ପଞ୍ଚମହାଭୂତ ତନ୍ମାତ୍ରରେ, ତନ୍ମାତ୍ର ଓ ଇନ୍ଦ୍ରିୟ ଅହଂକାର ତତ୍ତ୍ୱ ରୂପରେ, ଅହଂକାର ମହତତ୍ତ୍ୱରେ ଏବଂ ମହତତ୍ତ୍ୱ ପ୍ରକୃତିରେ ପରିଣତ ହୁଏ ।

୨୧.ପ୍ର - ପ୍ରଳୟର ସମୟ କେତେ ?

ଉ - ସୃଷ୍ଟିର ସମୟ ଯେତିକି, ପ୍ରଳୟର ସମୟ ବି ସେତିକି । ଅର୍ଥାତ୍ ପ୍ରଳୟର ସମୟ ବି ୧୦୦୦ ଚତୁର୍ଯୁଗୀ ବା ୪୩୨ କୋଟି ବର୍ଷ ।

୨୨.ପ୍ର - ପ୍ରଳୟ କାହିଁକି ହୁଏ ?

ଉ - ସତ୍ତ୍ୱ, ରଜଃ ଓ ତମ ଏ ତିନୋଟି ତତ୍ତ୍ୱର ସମାହାର ପ୍ରକୃତିରୁ ସଂସାର ଉତ୍ପନ୍ନ । ପ୍ରକୃତିରେ ଥିବା ପରମାଣୁର ଧର୍ମ ଗତିଶୀଳତା, ପରିବର୍ତ୍ତନ, ସଂଯୋଗ-ବିଯୋଗ । ଲୁହା ଜିନିଷଟିଏ ପୁରୁଣା ହୋଇ ଅକାମୀ ହୋଇଗଲେ ଆମେ ତାକୁ ତରଳାଇ ଅନ୍ୟ ରୂପ ଦେଉ । ସେହିପରି ଏ ସୃଷ୍ଟି ଯେତେବେଳେ ଜୀବାତ୍ମାଙ୍କ ଆବଶ୍ୟକତା ପୂରଣ ପାଇଁ ଅକ୍ଷମ ହୋଇଯାଏ ସେତେବେଳେ ଈଶ୍ୱର ଏ ସଂସାରକୁ ପ୍ରଳୟ କରିଦିଅନ୍ତି ।

୨୩.ପ୍ର - ପ୍ରଳୟ ପରେ କ'ଣ ହୁଏ ?

ଉ - ରାତି ପରେ ପୁଣି ଦିନ ହେଲା ଭଳି, ପ୍ରଳୟର ସମୟ ସମାପ୍ତ ହେବା ପରେ ପୁଣି ସୃଷ୍ଟି ନିର୍ମାଣ ହୁଏ ।

୨୪.ପ୍ର - ତନ୍ମାତ୍ର କେତୋଟି ଓ କ'ଣ କ'ଣ ?

ଉ - ତନ୍ମାତ୍ର ୫ଟି— ଶବ୍ଦ ତନ୍ମାତ୍ର, ସ୍ପର୍ଶ ତନ୍ମାତ୍ର, ରୂପ ତନ୍ମାତ୍ର, ରସ ତନ୍ମାତ୍ର ଓ ଗନ୍ଧ ତନ୍ମାତ୍ର ।

୨୫.ପ୍ର - ଇନ୍ଦ୍ରିୟ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଇନ୍ଦ୍ରିୟ ଦୁଇ ପ୍ରକାର— ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ।

୨୬.ପ୍ର - ଜ୍ଞାନେନ୍ଦ୍ରିୟ କାହାକୁ କହନ୍ତି ? ଏହା କେତୋଟି ଓ କ'ଣ କ'ଣ ?

ଉ - ଯାହାଦ୍ୱାରା ଜୀବାତ୍ମା ଜ୍ଞାନ ପ୍ରାପ୍ତ କରେ ତାହାକୁ ଜ୍ଞାନେନ୍ଦ୍ରିୟ କୁହାଯାଏ । ଜ୍ଞାନେନ୍ଦ୍ରିୟ ୫ଟି— ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱଚା । ଚକ୍ଷୁ ଦ୍ୱାରା ରୂପ, କର୍ଣ୍ଣ ଦ୍ୱାରା ଶବ୍ଦ, ନାକ ଦ୍ୱାରା ଗନ୍ଧ, ଜିଭ ଦ୍ୱାରା ରସ ଓ ତ୍ୱଚା ଦ୍ୱାରା ସ୍ପର୍ଶ ସମ୍ବନ୍ଧୀୟ ଜ୍ଞାନ ହୋଇଥାଏ ।

୨୭.ପ୍ର - କର୍ମେନ୍ଦ୍ରିୟ କାହାକୁ କହନ୍ତି ତଥା ଏହାର ସଂଖ୍ୟା, ନାମ ଓ କାମ କ'ଣ କ'ଣ ?

ଉ - ଯାହାଦ୍ୱାରା ଜୀବ କର୍ମ କରେ ତାହାକୁ କର୍ମେନ୍ଦ୍ରିୟ କହନ୍ତି । କର୍ମେନ୍ଦ୍ରିୟ ୫ଟି— ବାଣୀ, ହାତ, ଗୋଡ଼, ପାୟୁ ଓ ଉପସ୍ଥ । ବାଣୀ ଦ୍ୱାରା କହିବା, ହାତ ଦ୍ୱାରା ଦେବା-ନେବା ଆଦି, ଗୋଡ଼ ଦ୍ୱାରା ଚାଲିବା, ପାୟୁ ଦ୍ୱାରା ମଳତ୍ୟାଗ କରିବା ଓ ଉପସ୍ଥ ଦ୍ୱାରା ମୂତ୍ର ବିସର୍ଜନ ଓ ସନ୍ତାନ ପ୍ରଜନନ କରିବା କାମ ହୁଏ ।

୨୮.ପ୍ର - ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟଗୁଡ଼ିକ କାହାର ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି ?

ଉ - ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟଗୁଡ଼ିକ ମନର ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି । ଆତ୍ମା ମନକୁ ଓ ମନ ଇନ୍ଦ୍ରିୟଗୁଡ଼ିକୁ ନିର୍ଦ୍ଦେଶ ଦିଏ ।

୨୯.ପ୍ର - ଶରୀରରେ ମୋଟ କେତୋଟି ଇନ୍ଦ୍ରିୟ ଥାଆନ୍ତି ? ସେଗୁଡ଼ିକର ନାମ କ'ଣ ?

ଉ - ଶରୀରରେ ମୋଟ ୧୧ଟି ଇନ୍ଦ୍ରିୟ ଥାଆନ୍ତି । ଯଥା—୫ ଜ୍ଞାନେନ୍ଦ୍ରିୟ, ୫ କର୍ମେନ୍ଦ୍ରିୟ ଓ ମନ । ମନ ଜ୍ଞାନେନ୍ଦ୍ରିୟଠାରୁ ଜ୍ଞାନ ଆଣି ଆତ୍ମାକୁ ଦିଏ ଏବଂ ଆତ୍ମାର ନିର୍ଦ୍ଦେଶରେ କର୍ମେନ୍ଦ୍ରିୟଗୁଡ଼ିକୁ କାର୍ଯ୍ୟରେ ଲଗାଏ । ଏଣୁ ଉଭୟ ପ୍ରକାର କାର୍ଯ୍ୟ କରୁଥିବାରୁ ମନକୁ ଉଭୟ-ଇନ୍ଦ୍ରିୟ ବୋଲି ମଧ୍ୟ କୁହାଯାଏ ।

୩୦.ପ୍ର - ମହାଭୂତ କେତୋଟି ଓ କ'ଣ କ'ଣ ?

ଉ - ମହାଭୂତ ୫ଟି— ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ।

୩୧.ପ୍ର - ଉତ୍ପତ୍ତି ଦୃଷ୍ଟିରୁ କେତେ ପ୍ରକାର ଶରୀରଧାରୀ ସଂସାରରେ ଥାଆନ୍ତି ? ସେମାନଙ୍କ ନାମ କ'ଣ ?

ଉ - ଉତ୍ପତ୍ତି ଆଧାରରେ ମୁଖ୍ୟତଃ ୪ ପ୍ରକାର ଶରୀରଧାରୀ ସଂସାରରେ ଥାଆନ୍ତି । ଯଥା— ୧. ଅଣ୍ଡଜ, ୨. ଜରାୟୁଜ, ୩. ସ୍ୱେଦଜ ଓ ୪. ଉଦ୍‌ଭିଜ ।

୩୨.ପ୍ର - ଜୀବାତ୍ମାର କର୍ମ କରିବାର ସାଧନ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଜୀବାତ୍ମାର କର୍ମ କରିବାର ସାଧନ ୨ ପ୍ରକାର— ଆନ୍ତରିକ ସାଧନ ଓ ବାହ୍ୟ ସାଧନ ।

ଆନ୍ତରିକ ସାଧନ— ମନ, ବୁଦ୍ଧି, ଅହଂକାର ଆଦି । ବାହ୍ୟ ସାଧନ— ହାତ, ଗୋଡ଼, ଆଖି, ନାକ, କାନ, ମୁହଁ ଆଦି ।

୩୩.ପ୍ର - ଶରୀର କେତେ ପ୍ରକାର ଓ କ'ଣ କ'ଣ ?

ଉ - ଶରୀର ତିନି ପ୍ରକାର— ସ୍ଥୂଳଶରୀର, ସୂକ୍ଷ୍ମଶରୀର ଓ କାରଣ ଶରୀର ।

୩୪.ପ୍ର - ସ୍ଥୂଳଶରୀର କାହାକୁ କହନ୍ତି ?

ଉ - ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ— ଏ ପାଞ୍ଚୋଟି ମହାଭୂତରୁ ଉତ୍ପନ୍ନ ହୋଇ ଆଖିକୁ ଦେଖାଯାଉଥିବା ଶରୀରକୁ ସ୍ଥୂଳଶରୀର କହନ୍ତି । ଏହାର ଆଧାରରେ ଜୀବ ସକଳ କାର୍ଯ୍ୟ କରେ ଏବଂ ସୁଖ-ଦୁଃଖ ରୂପକ ଫଳ ପ୍ରାପ୍ତ କରେ । ସ୍ଥୂଳଶରୀର ନ ମିଳିବା ପର୍ଯ୍ୟନ୍ତ ଜୀବାତ୍ମା ସଂସାରର କୌଣସି କାର୍ଯ୍ୟ କରିପାରେ ନାହିଁ କି ସାଂସାରିକ ସୁଖ-ଦୁଃଖ ଭୋଗ କରିପାରେ ନାହିଁ ।

୩୫.ପ୍ର - ସ୍ଥୂଳଶରୀର କେବେ ଯାଏଁ ଜୀବାତ୍ମା ସହ ରହେ ?

ଉ - ଜନ୍ମରୁ ମୃତ୍ୟୁ ଯାଏ ସ୍ଥୂଳଶରୀର ଜୀବାତ୍ମା ସହ ରହେ ।

୩୬.ପ୍ର - ଜନ୍ମ ଓ ମୃତ୍ୟୁ କାହାକୁ କହନ୍ତି ?

ଉ - ଶରୀର(ସ୍ଥୂଳ) ସହ ଜୀବର ସଂଯୋଗକୁ ଜନ୍ମ ଏବଂ ଶରୀର (ସ୍ଥୂଳଶରୀର)ଠାରୁ ଜୀବାତ୍ମାର ବିଯୋଗକୁ ମୃତ୍ୟୁ କୁହାଯାଏ ।

୩୭.ପ୍ର - ସୂକ୍ଷ୍ମଶରୀର କାହାକୁ କହନ୍ତି ?

ଉ - ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚସୂକ୍ଷ୍ମଭୂତ (ତନ୍ମାତ୍ର), ମନ, ବୁଦ୍ଧି ଓ ଅହଂକାର— ଏ ୧୮ଟି ତତ୍ତ୍ୱର ସଂଯୋଗରେ ନିର୍ମିତ ତଥା ଅଦୃଶ୍ୟ ଶରୀରକୁ ସୂକ୍ଷ୍ମଶରୀର କୁହାଯାଏ । ଜୀବର ଭଲ-ମନ୍ଦ କର୍ମର ଛାପ ସଂସ୍କାର ରୂପେ ଏଥିରେ ଅଙ୍କିତ ହୋଇ ରହିଥାଏ ।

୩୮.ପ୍ର - କ'ଣ ମୃତ୍ୟୁ ପରେ ସୂକ୍ଷ୍ମଶରୀର ବି ଜୀବାତ୍ମାଠୁ ଅଲଗା ହୋଇଯାଏ ?

ଉ - ନା । ମୃତ୍ୟୁରେ ସ୍ଥୂଳଶରୀରଠାରୁ ଜୀବାତ୍ମାର ସମ୍ପର୍କ ଛିନ୍ନ ହୋଇଯାଏ । କିନ୍ତୁ ସୂକ୍ଷ୍ମଶରୀର ଜନ୍ମ-ଜନ୍ମ ଧରି ଜୀବାତ୍ମା ସଙ୍ଗରେ ଥାଏ । ଜୀବାତ୍ମା ମୁକ୍ତି ପ୍ରାପ୍ତ କଲେ କିମ୍ବା ସଂସାରର ପ୍ରଳୟ

ହେଲେ ଯାଇ ସୂକ୍ଷ୍ମଶରୀର ଜୀବାତ୍ମାଠୁ ଅଲଗା ହୁଏ ।

୩୯.ପ୍ର - କାରଣ ଶରୀର କ'ଣ ?

ଉ - ସତ୍ତ୍ୱ, ରଜଃ ଓ ତମ ଏ ତିନୋଟି ତତ୍ତ୍ୱର ସମନ୍ୱିତ ରୂପ ମୂଳ ପ୍ରକୃତିକୁ କାରଣ ଶରୀର କହନ୍ତି । ସକଳ ଜୀବଙ୍କ କାରଣ ଶରୀର ଏକ ହିଁ ଅଟେ ।

୪୦.ପ୍ର - କ'ଣ କାରଣ ଶରୀର ଭଳି ସମସ୍ତ ଜୀବଙ୍କ ସ୍ଥୂଳ ଓ ସୂକ୍ଷ୍ମ ଶରୀର ବି ଏକ ହିଁ ଅଟେ ?

ଉ - ନା । ସମସ୍ତ ଜୀବଙ୍କୁ ପୃଥକ୍-ପୃଥକ୍ ଗୋଟିଏ ଲେଖାଏଁ ସ୍ଥୂଳ ଓ ସୂକ୍ଷ୍ମଶରୀର ଦିଆଯାଇଥାଏ ।

୪୧.ପ୍ର - ଅନ୍ତଃକରଣ କାହାକୁ କହନ୍ତି ଓ କ'ଣ କ'ଣ ?

ଉ - 'କରଣ'ର ଅର୍ଥ କର୍ମ କରିବାର ସାଧନ । ଜୀବାତ୍ମାର କର୍ମ କରିବାର ଆନ୍ତରିକ ସାଧନକୁ ଅନ୍ତଃକରଣ କହନ୍ତି । ଅନ୍ତଃକରଣ ୪ଟି — ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ।

୪୨.ପ୍ର - ମନ ଜଡ଼ ନା ଚେତନ ?

ଉ - ମନ ଏକ ଜଡ଼ ପଦାର୍ଥ, ଚେତନ ନୁହେଁ । କାରଣ ଏହା ଜଡ଼ ପ୍ରକୃତିରୁ ନିର୍ମିତ ।

୪୩.ପ୍ର - ମନ ନିଜେ ଗତିକରେ ନା ଅନ୍ୟ ଦ୍ୱାରା ପରିଚାଳିତ ହୁଏ ?

ଉ - ମନ ଜଡ଼ ହୋଇଥିବାରୁ ନିଜେ-ନିଜେ ଗତି କରେ ନାହିଁ । ଯେପରିକି କୌଣସି ଯନ୍ତ୍ରକୁ ଆମେ ଚାଲୁ କଲେ ଯନ୍ତ୍ରଟି କାର୍ଯ୍ୟ କରିଚାଲେ ସେହିପରି ମନ ଆତ୍ମାର ପ୍ରେରଣାରେ ଗତିଶୀଳ ହୁଏ । ଆତ୍ମା ନିଜ ଇଚ୍ଛା ପୂରଣ ପାଇଁ ଆବଶ୍ୟକତା ଅନୁସାରେ ମନକୁ କାର୍ଯ୍ୟରେ ଲଗାଏ ।

୪୪.ପ୍ର - ମନର ମୁଖ୍ୟ କାର୍ଯ୍ୟ କ'ଣ ?
ଉ - ମନର ମୁଖ୍ୟ କାର୍ଯ୍ୟ ସଂକଳ୍ପ ଓ ବିକଳ୍ପ କରିବା ।

୪୫.ପ୍ର - ମନ କିପରି ଅଶୁଦ୍ଧ ହୁଏ ?
ଉ - ମାଂସାହାର, ନିଶାସେବନ, ଅଶ୍ଳୀଳ ସାହିତ୍ୟ ପଠନ, ଅଶ୍ଳୀଳ ଗୀତ ଶ୍ରବଣ ଓ ଦୃଶ୍ୟ ଦର୍ଶନ, ଈର୍ଷ୍ୟା-ଦ୍ୱେଷ, ମିଥ୍ୟାଭାଷଣ ଆଦି ଦ୍ୱାରା ମନ ଅଶୁଦ୍ଧ ହୁଏ ।

୪୬.ପ୍ର - ମନକୁ ଶୁଦ୍ଧ ରଖିବାର ଉପାୟ କ'ଣ ?
ଉ - ଈଶ୍ୱରଙ୍କ ଉପାସନା, ସଦ୍‌ଗ୍ରନ୍ଥ ପଠନ ଓ ସତ୍‌ସଙ୍ଗାଦି ଦ୍ୱାରା ଶୁଦ୍ଧ ଜ୍ଞାନ ଆହରଣ, ଅଗ୍ନିହୋତ୍ର, ଧର୍ମକାର୍ଯ୍ୟର ଅନୁଷ୍ଠାନ, ସତ୍ୟାଚରଣ ଆଦି ଦ୍ୱାରା ମନ ଶୁଦ୍ଧ ହୁଏ ।

୪୭.ପ୍ର - ବୁଦ୍ଧିର ମୁଖ୍ୟ କାର୍ଯ୍ୟ କ'ଣ ?
ଉ - ବୁଦ୍ଧିର ମୁଖ୍ୟ କାର୍ଯ୍ୟ ନିଷ୍ପତ୍ତି ନେବା ।

୪୮.ପ୍ର - ଚିତ୍ତର କାର୍ଯ୍ୟ କ'ଣ ?
ଉ - ଜୀବାତ୍ମା ଯେଉଁ କର୍ମ କରେ ସେସବୁର ସଂସ୍କାର ଚିତ୍ତରେ ଜମା ହୋଇ ରହନ୍ତି । ଏ ସଂସ୍କାରରୁ ସମୟ-ସମୟରେ ସ୍ମୃତି ଉତ୍ପନ୍ନ କରିବା ଚିତ୍ତର କାର୍ଯ୍ୟ ।

୪୯.ପ୍ର - ଅହଂକାରର କାର୍ଯ୍ୟ କ'ଣ ?
ଉ - ନିଜର ପୃଥକ୍ ଅସ୍ତିତ୍ୱ ବୋଧ କରାଇବା ଅର୍ଥାତ୍ 'ମୁଁ ଦେଖୁଛି', 'ମୁଁ କହୁଛି', 'ମୁଁ ଅଛି' ଇତ୍ୟାଦି ଅନୁଭବ କରାଇବା ଅହଂକାରର କାର୍ଯ୍ୟ ।

✲ ✲ ✲

# ପଞ୍ଚମହାଯଜ୍ଞ

୧. ପ୍ର - ବୈଦିକ ଧର୍ମୀ ପକ୍ଷରେ କେଉଁ କାର୍ଯ୍ୟ କରିବା ଅନିବାର୍ଯ୍ୟ ?

ଉ - ବୈଦିକ ଧର୍ମୀ ପଞ୍ଚମହାଯଜ୍ଞ କରିବା ଅନିବାର୍ଯ୍ୟ ।

୨. ପ୍ର - ଯଜ୍ଞ କାହାକୁ କହନ୍ତି ?

ଉ - ସମସ୍ତ ଶ୍ରେଷ୍ଠ କର୍ମକୁ ଯଜ୍ଞ କୁହାଯାଏ । ଯଜ୍ଞରେ ମୁଖ୍ୟତଃ ତିନୋଟି କର୍ମ ଅନ୍ତର୍ଭୁକ୍ତ— ଦେବପୂଜା, ସଙ୍ଗତିକରଣ ଓ ଦାନ ।

୩. ପ୍ର - ଦେବ କାହାକୁ କହନ୍ତି ?

ଉ - ଯିଏ ଦିଅନ୍ତି, ତାଙ୍କୁ ଦେବ କହନ୍ତି । ଯାହା ପାଖରେ ଦିବ୍ୟ ଗୁଣ ଥାଏ, ତାଙ୍କୁ ବି ଦେବ କୁହାଯାଏ ।

୪. ପ୍ର - ଦେବ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଦେବ ଦୁଇ ପ୍ରକାର— ଜଡ଼ ଓ ଚେତନ ।

୫. ପ୍ର - ଚେତନ ଦେବ କାହାକୁ କହନ୍ତି ଓ କ'ଣ କ'ଣ ?

ଉ - ଯାହାଙ୍କର ଚେତନା ବା ଜ୍ଞାନ ଅଛି ତଥା ସେ ଦିଅନ୍ତି ମଧ୍ୟ ତାଙ୍କୁ ଚେତନ ଦେବ କୁହାଯାଏ । ଯଥା— ମାତା, ପିତା, ଗୁରୁ, ଅତିଥି, ବିଦ୍ୱାନ, ପତ୍ନୀ ପକ୍ଷରେ ପତି ଓ ପତି ପାଇଁ ପତ୍ନୀ ଏବଂ ଏ ସମସ୍ତ ଦେବଙ୍କର ବି ଦେବ ମହାଦେବ ପରମପିତା ପରମାତ୍ମା ।

୬. ପ୍ର - ଜଡ଼ ଦେବତା କାହାକୁ କହନ୍ତି ଓ କ'ଣ କ'ଣ ?

ଉ - ଯାହାଙ୍କର ଜ୍ଞାନ ବା ଚେତନା ନାହିଁ, କିନ୍ତୁ ଦେବା ଯାହାଙ୍କ ସ୍ୱଭାବ ତାଙ୍କୁ ଜଡ଼ ଦେବତା କୁହାଯାଏ । ଯଥା— ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଇତ୍ୟାଦି ।

୭. ପ୍ର - ପୂଜା କ'ଣ ?

ଉ - ପୂଜାର ଅର୍ଥ ସତ୍କାର, ଯଥାଯୋଗ୍ୟ ବ୍ୟବହାର, ଯଥାର୍ଥ ଉପଯୋଗ ।

୮. ପ୍ର - ଦେବପୂଜା କ'ଣ ?

ଉ - ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା, ବିଦ୍ୱାନ୍-ତପସ୍ୱୀଙ୍କ ସତ୍କାର ଏବଂ ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଆଦି ପଦାର୍ଥର ଠିକ୍-ଠିକ୍ ଉପଯୋଗ କରିବା ତଥା ଏଗୁଡ଼ିକୁ ଶୁଦ୍ଧ ରଖିବା ପାଇଁ ଯଥାଯୋଗ୍ୟ ପ୍ରୟାସ କରିବାକୁ ଦେବପୂଜା କୁହାଯାଏ ।

୯. ପ୍ର - ସଙ୍ଗତିକରଣ କ'ଣ ?

ଉ - ସଙ୍ଗତିକରଣର ଅର୍ଥ ଜଡ଼ ଓ ଚେତନ ପଦାର୍ଥଗୁଡ଼ିକର ଯଥାଯୋଗ୍ୟ ମିଳନ ଦ୍ୱାରା ନିଜର ଓ ଅନ୍ୟର କଲ୍ୟାଣ ସାଧନ ।

୧୦.ପ୍ର - ପଞ୍ଚମହାଯଜ୍ଞ କାହାକୁ କହନ୍ତି ?

ଉ - ମନୁଷ୍ୟ ପକ୍ଷରେ ଅନିବାର୍ଯ୍ୟ ରୂପେ କରଣୀୟ ପାଞ୍ଚୋଟି ଦୈନନ୍ଦିନ କର୍ମକୁ ପଞ୍ଚମହାଯଜ୍ଞ କହନ୍ତି । ଯଥା— ୧. ବ୍ରହ୍ମଯଜ୍ଞ, ୨. ଦେବଯଜ୍ଞ, ୩. ପିତୃଯଜ୍ଞ, ୪. ବଳିବୈଶ୍ୱଦେବଯଜ୍ଞ, ୫. ଅତିଥିଯଜ୍ଞ ।

୧୧.ପ୍ର - ବ୍ରହ୍ମଯଜ୍ଞ କାହାକୁ କହନ୍ତି ?

ଉ - ଈଶ୍ୱରଙ୍କୁ ବ୍ରହ୍ମ କୁହାଯାଏ ତଥା ବେଦକୁ ମଧ୍ୟ ବ୍ରହ୍ମ କୁହାଯାଏ । ଏଣୁ ସନ୍ଧ୍ୟୋପାସନା, ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା, ବେଦ ଓ ବେଦାନୁକୂଳ ଶାସ୍ତ୍ରର ପଠନ-ପାଠନକୁ ବ୍ରହ୍ମଯଜ୍ଞ କହନ୍ତି ।

୧୨.ପ୍ର - ସନ୍ଧ୍ୟାର ଅର୍ଥ କ'ଣ ?

ଉ - ସନ୍ଧ୍ୟା = ସମ୍+ ଧ୍ୟା ଅର୍ଥାତ୍ ସମ୍ୟକ୍ ବା ସର୍ବୋତ୍କୃଷ୍ଟ ରୂପେ ପରମେଶ୍ୱରଙ୍କ ଧ୍ୟାନ ଅର୍ଥାତ୍ ତାଙ୍କ ଗୁଣ, କର୍ମ ଓ ସ୍ୱଭାବର ନିରବଚ୍ଛିନ୍ନ ଚିନ୍ତନ ।

୧୩.ପ୍ର - ଉପାସନା କ'ଣ ?

ଉ - ଉପାସନାର ଅର୍ଥ ସମୀପସ୍ଥ ହେବା, ଈଶ୍ୱରଙ୍କ ଆନନ୍ଦସ୍ୱରୂପରେ ସ୍ୱ-ଆତ୍ମାକୁ ମଗ୍ନ କରିବା ।

୧୪.ପ୍ର - ସନ୍ଧ୍ୟୋପାସନା କାହାକୁ କହନ୍ତି ?

ଉ - ପରମେଶ୍ୱରଙ୍କ ଗୁଣ, କର୍ମ ଓ ସ୍ୱଭାବର ଯଥାର୍ଥ ଚିନ୍ତନ ସର୍ବୋତ୍ତମ ରୂପେ କରି କରି ତାଙ୍କରି ଆନନ୍ଦ ସ୍ୱରୂପରେ ନିଜକୁ ମଗ୍ନ କରିବାକୁ ସନ୍ଧ୍ୟୋପାସନା କହନ୍ତି ।

୧୫.ପ୍ର - ସନ୍ଧ୍ୟୋପାସନା କାହିଁକି କରିବା ?

ଉ - ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ଅନ୍ତଃକରଣଯୁକ୍ତ ଏ ଦିବ୍ୟ ସୁନ୍ଦର ମନୁଷ୍ୟ ଶରୀର ଆମକୁ ପରମେଶ୍ୱର ପ୍ରଦାନ କରିଛନ୍ତି । ଜୀବନଧାରଣ, ଶରୀରର ପୋଷଣ ଓ ସୁରକ୍ଷା ସକାଶେ ଆମ ପାଇଁ ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଓଷଧି, ବନସ୍ପତି ଆଦିର ସୁବ୍ୟବସ୍ଥା କରିଛନ୍ତି । ସଂସାରର ତାଙ୍କ ନିର୍ମିତ ସବୁ ପଦାର୍ଥ ବିଷୟରେ ଜ୍ଞାନ ନିମନ୍ତେ ବେଦ ଦେଇଛନ୍ତି । ଆମ ଅନ୍ତରରେ ରହି ପ୍ରତି ମୁହୂର୍ତ୍ତରେ ଠିକ୍ କରିବା ପାଇଁ ଉତ୍ସାହିତ ଓ ଭୁଲ୍ ନ କରିବା ପାଇଁ ସତର୍କ କରୁଛନ୍ତି । ପ୍ରତି ମୁହୂର୍ତ୍ତରେ ଆମେ ଏସବୁର ଉପଯୋଗ କରି ଜୀବନକୁ ସୁଖୀ କରିପାରୁଛେ । ଏଣୁ ଈଶ୍ୱରଙ୍କ ଏସବୁ ମହାନ୍ ଦାନ ନିମନ୍ତେ

କୃତଜ୍ଞତା ପ୍ରଦର୍ଶନ କରିବା ପାଇଁ ସନ୍ଧ୍ୟୋପାସନା କରିବା ଆମର ପ୍ରତିଦିନର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ।

୧୬.ପ୍ର - ବ୍ରହ୍ମଯଜ୍ଞ ଦ୍ୱାରା କ'ଣ ଲାଭ ହୁଏ ?

ଉ - ବେଦାଦି ଶାସ୍ତ୍ରର ପଠନ-ପାଠନ ଦ୍ୱାରା ସଂସାରରେ ଯଥାର୍ଥ ଆସ୍ତିକତା, ବିଦ୍ୟା ଓ ଧର୍ମର ଅଭିବୃଦ୍ଧି ହୁଏ । ସନ୍ଧ୍ୟୋପାସନା କରିବା ଦ୍ୱାରା ମନ ଶୁଦ୍ଧ, ବୁଦ୍ଧି ତୀବ୍ର, କର୍ମ ପବିତ୍ର ଓ ଆତ୍ମାରେ ବଳର ସଞ୍ଚାର ହୋଇଥାଏ । ମାନସିକ ଶାନ୍ତି ଓ ଆତ୍ମିକ ଆନନ୍ଦ ଲାଭ ହୁଏ । ଧୀରେ ଧୀରେ ଆତ୍ମୋନ୍ନତି ଘଟି ବ୍ରହ୍ମସାକ୍ଷାତ୍କାର ହୋଇ ପରମାନନ୍ଦ ମୋକ୍ଷର ଉପଲବ୍ଧି ହୋଇଥାଏ ।

୧୭.ପ୍ର - ଦେବଯଜ୍ଞ କାହାକୁ କୁହାଯାଏ ?

ଉ - ଅଗ୍ନିହୋତ୍ର (ହୋମ), ବିଦ୍ୱାନଙ୍କ ସଙ୍ଗ ଓ ସେବା, ଦାନକୁ ଦେବଯଜ୍ଞ କହନ୍ତି ।

୧୮.ପ୍ର - ଦେବଯଜ୍ଞ ଦ୍ୱାରା କ'ଣ ଲାଭ ହୁଏ ?

ଉ - ହୋମରୁ ଉତ୍ପନ୍ନ ବାୟୁ ଅନେକ ପ୍ରକାର ରୋଗଜୀବାଣୁ ନାଶ କରେ । ଅଗ୍ନିହୋତ୍ର ଦ୍ୱାରା ବାୟୁ ଓ ଜଳ ଶୁଦ୍ଧ ହୁଏ ତଥା ଉତ୍ତମ ବୃଷ୍ଟି ହୁଏ । ତଦ୍ଦ୍ୱାରା ଆରୋଗ୍ୟ, ବୁଦ୍ଧି, ବଳ ବୃଦ୍ଧି ପାଏ । ମନରେ ତ୍ୟାଗ, ସମର୍ପଣ ଭାବର ସଞ୍ଚାର ହୁଏ । ବିଦ୍ୱାନଙ୍କ ସଙ୍ଗ ଓ ସେବା ଦ୍ୱାରା ପବିତ୍ରତା, ଦିବ୍ୟଗୁଣର ଧାରଣ ଓ ବିଦ୍ୟାର ଉନ୍ନତି ହୁଏ । ଦାନ ଦ୍ୱାରା ଲୋଭର ବିନାଶ ଓ ହୃଦୟ ଉଦାର ହୁଏ ।

୧୯.ପ୍ର - ହବନରେ କ'ଣ କ'ଣ ପଦାର୍ଥ ବ୍ୟବହୃତ ହୁଏ ?

ଉ - ହବନରେ ମୁଖ୍ୟତଃ ଚାରିପ୍ରକାର ପଦାର୍ଥ ବ୍ୟବହୃତ ହୁଏ— ସୁଗନ୍ଧିତ, ପୁଷ୍ଟିକାରକ, ମଧୁର ଓ ରୋଗନାଶକ ।

୨୦.ପ୍ର - ଅଗ୍ନିହୋତ୍ର କରିବାର ଅଧିକାର କ'ଣ କେବଳ ବ୍ରାହ୍ମଣଙ୍କର ଅଛି ?

ଉ - ନା, କେବଳ ବ୍ରାହ୍ମଣ ହିଁ ଅଗ୍ନିହୋତ୍ର କରିବାର ଅଧିକାରୀ, ସେକଥା ନୁହେଁ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ପୁରୁଷ, ସ୍ତ୍ରୀ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ଅଗ୍ନିହୋତ୍ର କରିବାର ଅଧିକାର ଅଛି ।

୨୧.ପ୍ର - କ'ଣ ହବନ କରିବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ?

ଉ - ହଁ, କେବଳ ବୈରାଗ୍ୟବାନ୍ ସନ୍ନ୍ୟାସୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ପାଇଁ ହବନ କରିବା ଅନିବାର୍ଯ୍ୟ ବୋଲି ଶାସ୍ତ୍ରରେ କୁହାଯାଇଛି । ନିହାତି ଅସୁବିଧା ଯୋଗୁଁ ଦୈନିକ ଅଗ୍ନିହୋତ୍ର ନ କରିପାରିଲେ ଅନ୍ୟୂନ ପକ୍ଷେ ମାସରେ ଦୁଇଥର ଅଗ୍ନିହୋତ୍ର ଅବଶ୍ୟ କରିବା ଉଚିତ ।

୨୨.ପ୍ର - ଯଜ୍ଞରେ ମନ୍ତ୍ରପାଠ କାହିଁକି କରାଯାଏ ?

ଉ - ମନ୍ତ୍ରରେ ଯଜ୍ଞର ଲାଭ, ପରିଣାମ, ପ୍ରଭାବ, ଆବଶ୍ୟକତା ସମ୍ବନ୍ଧୀୟ ବିଚାର ଲୁକ୍କାୟିତ ହୋଇ ରହିଥାଏ । ମନ୍ତ୍ରପାଠ ଦ୍ୱାରା ଧୀରେ ଧୀରେ ଅର୍ଥ ଜାଣିବାକୁ ଆଗ୍ରହ ହୁଏ । ଅର୍ଥଜ୍ଞାନ ପରେ ଯଜ୍ଞସମୟରେ ମନ୍ତ୍ରପାଠ ସହ ଅର୍ଥଚିନ୍ତନ ଦ୍ୱାରା ମନ ଇତସ୍ତତଃ ହୁଏ ନାହିଁ ଏବଂ ଅର୍ଥଚିନ୍ତନ ଦ୍ୱାରା ଆତ୍ମାରେ ତ୍ୟାଗ, ସମର୍ପଣ, କର୍ତ୍ତବ୍ୟପରାୟଣତା, ପବିତ୍ରତା ଆଦି ଦିବ୍ୟ ଭାବର ଉଦ୍ରେକ ହୁଏ । ମନ୍ତ୍ର ଶେଷରେ ବୋଲାଯାଉଥିବା 'ଇଦଂ ନ ମମ' ଅହଂକାର-ଅଭିମାନର ବିନାଶ ପାଇଁ ମହୌଷଧି ।

୨୩.ପ୍ର - ଯଜ୍ଞକୁ ଶ୍ରେଷ୍ଠତମ କର୍ମ କାହିଁକି କୁହାଯାଇଛି ?

ଉ - ଯଜ୍ଞ ଦ୍ୱାରା ଅଳ୍ପ ଧନ, ଅଳ୍ପ ସାଧନ ତଥା ଅଳ୍ପ ସମୟରେ

ହଜାର-ହଜାର ପ୍ରାଣୀଙ୍କୁ ଜୀବନଦାୟକ, ରୋଗନାଶକ, ସ୍ୱାସ୍ଥ୍ୟପ୍ରଦ ବାୟୁ ପ୍ରାପ୍ତ ହେଉଥିବାରୁ; ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏ ତିନି ତାପର ପ୍ରଶମନରେ ଯଜ୍ଞ ଦ୍ୱାରା ସହାୟତା ମିଳୁଥିବାରୁ ଯଜ୍ଞକୁ ଶ୍ରେଷ୍ଠ କର୍ମ କୁହାଯାଏ ।

୨୪.ପ୍ର - ଛୋଟ କୁଣ୍ଡଟିରେ ଅଳ୍ପ ଟିକିଏ ଘିଅ ଓ ହବନ ସାମଗ୍ରୀର ହୋମ ଭୟଙ୍କର ପ୍ରଦୂଷଣ କିପରି ଦୂରକରିବ ?

ଉ - ଅଗ୍ନି ସଂସ୍ପର୍ଶରେ ଆସିଲେ ପଦାର୍ଥ ପରମାଣୁରେ ରୂପାନ୍ତରିତ ହୋଇ ବ୍ୟାପକ ହୋଇଯିବା ଯୋଗୁଁ ତା'ର ଗୁଣ, କାର୍ଯ୍ୟକ୍ଷମତା ଓ କାର୍ଯ୍ୟ ପରିସର ବଢ଼ିଯାଏ । ଉଦାହରଣ— ଗୋଟିଏ ଶୁଖିଲା ଲଙ୍କା ଜଣେ ବ୍ୟକ୍ତି ସେମିତି ଖାଇଲେ ତାକୁ ଜଣକୁ ରାଗ ଲାଗୁଥିବା ବେଳେ ସେ ଲଙ୍କାକୁ ନିଆଁରେ ପକାଇଲେ ବହୁତ ଲୋକ ଛିଙ୍କି-ଛିଙ୍କି ନୟାନ୍ତ ହୋଇଯାନ୍ତି, ଅଳ୍ପ ଟିକିଏ ଜିରା-ସୋରିଷାଦି ଛୁଙ୍କ ଦେଲେ ବହୁତ ପରିମାଣର ଡାଲି-ତରକାରୀ ସୁଗନ୍ଧିତ ହୋଇଯାଏ । ସେହିପରି ଅଳ୍ପ ଟିକିଏ ଘିଅ ଓ ହବନ-ସାମଗ୍ରୀର ହୋମ ବି ବହୁ ପରିମାଣରେ ପ୍ରଦୂଷଣ ଦୂର କରି ବହୁ ଲୋକଙ୍କର ଉପକାର କରିଥାଏ । ଅଳ୍ପ ଟିକିଏ ପଟାସିୟମ୍ ସାୟାନାଇଡ୍ ତ ପୁଣି ହଜାର-ହଜାର ମଣିଷଙ୍କ ଜୀବନ ସମାପ୍ତ କରିପାରୁଛି ।

୨୫.ପ୍ର - କ'ଣ ଅଗ୍ନିହୋତ୍ର ନ କଲେ ପାପ ଲାଗେ ?

ଉ - ହଁ, ହୋମ ନ କଲେ ମନୁଷ୍ୟକୁ ପାପ ଲାଗିଥାଏ । କାରଣ ମନୁଷ୍ୟ ଶରୀରରୁ ନିରନ୍ତର ମଳ ନିଷ୍କାସିତ ହୋଇ ବାୟୁ ଓ ଜଳକୁ ପ୍ରଦୂଷିତ କରିଥାଏ । ତେଣୁ ସେହି ପ୍ରଦୂଷଣର ନିରାକରଣ କରିବା

ବି ମନୁଷ୍ୟର କର୍ତ୍ତବ୍ୟ । ହବନ ଶୋଧନ କର୍ମର ଏକ ସଶକ୍ତ ମାଧ୍ୟମ । ଏଣୁ ହୋମ ନକଲେ ଯାହାଦ୍ୱାରା ଯେତିକି ଜଳ-ବାୟୁ ପ୍ରଦୂଷିତ ହୋଇ ସଂସାରର ଦୁଃଖର କାରଣ ହୋଇଥାଏ ସେ ବ୍ୟକ୍ତିକୁ ସେତିକି ପାପ ଲାଗେ ।

୨୬.ପ୍ର - ଅଗ୍ନିହୋତ୍ରରୁ ଉତ୍ପନ୍ନ ପାଉଁଶକୁ କ'ଣ କରିବା ଉଚିତ ?

ଉ - ଅଗ୍ନିହୋତ୍ରରୁ ଉତ୍ପନ୍ନ ପାଉଁଶ ଥଣ୍ଡା ହେବା ପରେ ଗଛ ମୂଳେ ଦେବା ଉଚିତ । ଏହା ଉତ୍କୃଷ୍ଟ ଖତର କାର୍ଯ୍ୟ କରେ ।

୨୭.ପ୍ର - କ'ଣ ଯଜ୍ଞରେ ପଶୁ-ପକ୍ଷୀଙ୍କୁ ବଳି ଦିଆଯାଏ ?

ଉ - ନା । ଯଜ୍ଞକୁ ଅଧ୍ୱର ବା ଅହିଂସକ କର୍ମ ବୋଲି କୁହାଯାଇଛି । ଏଥିରେ ବଳି ଆଦି କୌଣସି ହିଂସକକର୍ମ କରାଯାଏ ନାହିଁ ।

୨୮.ପ୍ର - ପିତୃଯଜ୍ଞ କାହାକୁ କହନ୍ତି ?

ଉ - ଦେବ(ବିଦ୍ୱାନ୍), ଋଷି (ମନୀଷୀ, ଗବେଷକ, ଦାର୍ଶନିକ, ବୈଜ୍ଞାନିକ, ତତ୍ତ୍ୱବେତ୍ତା) ଓ ପିତର (ମାତାପିତା, ଶାଶୁ-ଶ୍ୱଶୁର, ଆଚାର୍ଯ୍ୟ ଆଦି ଗୁରୁଜନ)ଙ୍କୁ ସେବା-ଶୁଶ୍ରୂଷାଦି କରିବାକୁ ପିତୃଯଜ୍ଞ କୁହାଯାଏ ।

୨୯.ପ୍ର - ପିତର ବା ପିତୃପୁରୁଷ କାହାକୁ କୁହାଯାଏ ?

ଉ - ଯେଉଁମାନେ ଅନ୍ନ, ବିଦ୍ୟା, ସୁଶିକ୍ଷା ଆଦି ଦ୍ୱାରା ପାଳନ-ପୋଷଣ ଓ ରକ୍ଷଣ କରନ୍ତି ସେମାନଙ୍କୁ ପିତର ବା ପିତୃପୁରୁଷ କୁହାଯାଏ । ଯଥା— ମାତା, ପିତା, ପିତାମହ, ମାତାମହ, ଆଚାର୍ଯ୍ୟ ଆଦି ବୟୋବୃଦ୍ଧ ଓ ଜ୍ଞାନବୃଦ୍ଧ ବ୍ୟକ୍ତି ।

୩୦.ପ୍ର - ପିତୃଯଜ୍ଞ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?

ଉ - ପିତୃଯଜ୍ଞ ଦୁଇ ଭାଗରେ ବିଭକ୍ତ— ଶ୍ରାଦ୍ଧ ଓ ତର୍ପଣ ।

୩୧.ପ୍ର - ଶ୍ରାଦ୍ଧ କାହାକୁ କୁହାଯାଏ ?

ଉ - ଶ୍ରତ୍+ ଧା = ଶ୍ରଦ୍ଧା । ସତ୍ୟକୁ ଶ୍ରତ୍ କୁହାଯାଏ ଏବଂ ସତ୍ୟଗ୍ରହଣର ତୀବ୍ର ଆକାଂକ୍ଷା, ଭାବନା ଓ ସତ୍ୟଧାରଣ କରିବାକୁ ଶ୍ରଦ୍ଧା କୁହାଯାଏ । ଶ୍ରଦ୍ଧାପୂର୍ବକ କରାଯାଉଥିବା କର୍ମ ଯଥା ଶ୍ରଦ୍ଧାପୂର୍ବକ ମାତା-ପିତା ଆଦିଙ୍କୁ ଭୋଜନାଦି ଦେବା ଓ ସେମାନଙ୍କ ସେବା-ଶୁଶ୍ରୂଷାଦି କରିବାକୁ ଶ୍ରାଦ୍ଧ କୁହାଯାଏ ।

୩୨.ପ୍ର - ତର୍ପଣ କାହାକୁ କହନ୍ତି ?

ଉ - ଯେଉଁ କର୍ମ ଦ୍ୱାରା ବିଦ୍ୱାନ୍ ରୂପକ ଦେବ, ଋଷି ଓ ପିତରଙ୍କୁ ତୃପ୍ତ କରାଯାଏ ତାକୁ ତର୍ପଣ କହନ୍ତି । ଅର୍ଥାତ୍ ମାତା, ପିତା, ଆଚାର୍ଯ୍ୟ ଆଦିଙ୍କୁ ପ୍ରତ୍ୟହ ପ୍ରାତଃକାଳରେ ଚରଣସ୍ପର୍ଶ ପୂର୍ବକ ପ୍ରଣାମ କରିବା, ଭୋଜନ-ବସ୍ତ୍ରାଦି ପ୍ରଦାନ କରି ତୃପ୍ତ କରିବା ତଥା ସେମାନଙ୍କ ପକ୍ଷପାତରହିତ ଧର୍ମାନୁକୂଳ ଆଦେଶ ପାଳନ ଓ ଇଚ୍ଛା ପୂରଣ ନିମନ୍ତେ ଯଥାଶକ୍ତି ପ୍ରଯତ୍ନ ପୂର୍ବକ ସେମାନଙ୍କୁ ପ୍ରସନ୍ନ ରଖିବାକୁ ତର୍ପଣ କୁହାଯାଏ ।

୩୩.ପ୍ର - ଶ୍ରାଦ୍ଧ-ତର୍ପଣ କେବେ କରିବା ଉଚିତ ?

ଉ - ଶ୍ରାଦ୍ଧ-ତର୍ପଣ ପ୍ରତିଦିନ କରିବା ଉଚିତ।

୩୪.ପ୍ର - ଶ୍ରାଦ୍ଧ ଓ ତର୍ପଣ ମୃତ ମାତା-ପିତା ଆଦିଙ୍କର କରାଯାଏ ନା ଜୀବିତଙ୍କର ?

ଉ - ଶ୍ରାଦ୍ଧ ଓ ତର୍ପଣ ଜୀବିତ ମାତା-ପିତା ଆଦିଙ୍କର କରାଯାଏ, ମୃତ ବ୍ୟକ୍ତିଙ୍କର ନୁହେଁ ।

୩୫.ପ୍ର - ମୃତକଙ୍କ ଶ୍ରାଦ୍ଧ କାହିଁକି କରାଯିବ ନାହିଁ ?

ଉ - ସ୍ଥୂଳଶରୀରର ରକ୍ଷା ପାଇଁ ଖାଦ୍ୟ-ପେୟ ଆବଶ୍ୟକ ହୋଇଥାଏ ଏବଂ ଜୀବାତ୍ମା ସ୍ଥୂଳଶରୀର ମାଧ୍ୟମରେ ଅନ୍ନାଦି ପଦାର୍ଥ ଭୋଜନ କରିଥାଏ । ମୃତ୍ୟୁ ହେଲେ ଜୀବାତ୍ମା ସ୍ଥୂଳ ଶରୀରରୁ ଅଲଗା ହୋଇଯାଏ ଓ ଶରୀରକୁ ଦାହ କରିଦିଆଯାଏ । ମୃତ୍ୟୁ ପରେ ଜୀବାତ୍ମା ପାଖରେ ଶରୀର ନ ଥିବାରୁ ମୃତକକୁ ଖାଦ୍ୟ ଅନାବଶ୍ୟକ ଓ ସେ ଖାଦ୍ୟ ଖାଇ ବି ପାରିବ ନାହିଁ । ଏଣୁ ମୃତକର ଶ୍ରାଦ୍ଧ କରିବା ସମ୍ଭବ ହିଁ ନୁହେଁ । ଅତଃ ମୃତକ ଶ୍ରାଦ୍ଧ ନାମରେ ମୃତକ ଉଦ୍ଦେଶ୍ୟରେ ଅନ୍ନାଦି ଖାଦ୍ୟ ପ୍ରଦାନ କେବଳ ପ୍ରହସନ ଓ ଅବିଦ୍ୟା ବର୍ଦ୍ଧକ । ସୁତରାଂ ଅନୁଚିତ କାର୍ଯ୍ୟ ।

୩୬.ପ୍ର - ଆମେରିକାରେ ଥିବା ବନ୍ଧୁଙ୍କ ପାଖକୁ ଆମେ ଭାରତୀୟ ଟଙ୍କା ପଠାଇଲେ ତାହା ଆମେରିକୀୟ ମୁଦ୍ରାରେ ପରିଣତ ହୋଇ ତାଙ୍କୁ ମିଳିଲା ଭଳି ଆମେ ମୃତବ୍ୟକ୍ତିଙ୍କୁ ପ୍ରଦାନ କରୁଥିବା ସ୍ଥୂଳ ଖାଦ୍ୟ ସୂକ୍ଷ୍ମ ରୂପରେ ପରିବର୍ତ୍ତିତ ହୋଇ ଯାଇ ତାଙ୍କ ପାଖରେ କ'ଣ ପହଞ୍ଚିପାରିବନି ?

ଉ - ଏଠାରେ ଦୁଇଟି କଥା ଧ୍ୟାନ ଦେବାର ଯୋଗ୍ୟ । ପ୍ରଥମଟି ହେଲା କାହା ପାଖକୁ କିଛି ପଠାଇବାକୁ ହେଲେ ତାଙ୍କ ଠିକଣା ଜାଣିଥିବା ଦରକାର । ମୃତବ୍ୟକ୍ତିର ଜୀବାତ୍ମା ତା'ର କର୍ମ ଆଧାରରେ ଈଶ୍ୱରୀୟ ବ୍ୟବସ୍ଥା ଅନୁସାରେ ବର୍ତ୍ତମାନ କେଉଁଠି, କେଉଁ ସ୍ଥିତିରେ ଅଛି, କେଉଁ ଶରୀର ଧାରଣ କରି କି ଖାଦ୍ୟ ଖାଉଛି ତାହା ଆମକୁ ଜଣାନାହିଁ । ବିନା ଠିକଣାରେ ଚିଠି ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିପାରେ କି ? ସେଭଳି ବିନା ଠିକଣାରେ ଖାଦ୍ୟ କେଉଁଠି ପହଞ୍ଚିବ ? ଦ୍ୱିତୀୟ କଥା ହେଲା ଯେ ଆମେ ଟଙ୍କା ପଠାଇଲେ

ଟଙ୍କା ଆମ ପାଖରୁ ଗଲେ ଯାଇ ବନ୍ଧୁଙ୍କ ପାଖରେ ପହଞ୍ଚେ । ଟଙ୍କା ଆମ ପକେଟ୍‌ରେ ଥିଲେ ତ ବନ୍ଧୁଙ୍କ ପାଖରେ ପହଞ୍ଚେ ନାହିଁ । ମୃତବ୍ୟକ୍ତିଙ୍କ ଶ୍ରାଦ୍ଧ ନାମରେ ପିଣ୍ଡ ରୂପେ ଯେଉଁ ଖାଦ୍ୟ ସାମଗ୍ରୀ ବଢ଼ାଯାଏ ତାହା ଯଦି ସୂକ୍ଷ୍ମରୂପ ହୋଇ ସେ ଜୀବାତ୍ମା ପାଖକୁ ଯାଉଥାନ୍ତା, ତେବେ ବଢ଼ାଯାଇଥିବା ଖାଦ୍ୟ ପତ୍ରରୁ ସମାପ୍ତ ହେବା କଥା । କାହିଁ, ସେଥିରୁ ତ କିଛି କମେ ନାହିଁ । ଏଥିରୁ ଜଣାଯାଏ ଯେ ଶ୍ରାଦ୍ଧ ନାମରେ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଖାଦ୍ୟ ପଦାର୍ଥ ଦେଲେ ତାହା ସୂକ୍ଷ୍ମ ହୋଇ ଯାଏ ନାହିଁ । ଶ୍ରାଦ୍ଧ ସତ୍ୟ କର୍ମକୁ କୁହାଯାଏ, ଅସତ୍ୟ ଆଚରଣକୁ ନୁହେଁ । ଏଣୁ ଏଭଳି ବୁଦ୍ଧିବିରୁଦ୍ଧ, ଅସତ୍ୟ କର୍ମ ଅନୁଚିତ, ତ୍ୟାଜ୍ୟ ।

୩୭.ପ୍ର - ପିତୃଯଜ୍ଞ ଦ୍ୱାରା କ'ଣ ଲାଭ ହୁଏ ?

ଉ - ମାତା, ପିତା ଓ ଜ୍ଞାନୀ ମହାତ୍ମା ଆଦି ପିତୃପୁରୁଷଙ୍କ ନିକଟରେ ଶାସ୍ତ୍ରଜ୍ଞାନ ଓ ଜୀବନର ଦୀର୍ଘ ଅନୁଭବର ଜ୍ଞାନ ଥାଏ । ସେମାନଙ୍କ ସେବା କରିବା ଦ୍ୱାରା ଆମ ଜ୍ଞାନ ବୃଦ୍ଧି ହୁଏ ଏବଂ ତଦ୍ଦ୍ୱାରା ସତ୍ୟାସତ୍ୟ ନିର୍ଣ୍ଣୟ କରିବାରେ ସହାୟତା ମିଳେ, ଜୀବନ ପଥରେ ଆସୁଥିବା ସମସ୍ୟାର ସମାଧାନ ସରଳ ହୋଇଥାଏ ତଥା ସତ୍ୟଗ୍ରହଣ ଓ ଅସତ୍ୟ ତ୍ୟାଗ ଦ୍ୱାରା ସୁଖ ଲାଭ ହୁଏ । ଦ୍ୱିତୀୟରେ, ମାତା, ପିତା, ଆଚାର୍ଯ୍ୟାଦି ସନ୍ତାନ ଓ ଶିଷ୍ୟର ଯେଉଁ ପାଳନ-ପୋଷଣ ଓ ରକ୍ଷଣ କରିଥାନ୍ତି ପିତୃଯଜ୍ଞ କରିବା ଦ୍ୱାରା ତାଙ୍କର ଆମ ପ୍ରତି କରାଯାଇଥିବା ଉପକାର ବାରମ୍ବାର ସ୍ମରଣ ହୋଇ ହୃଦୟରେ ତାଙ୍କ ପ୍ରତି କୃତଜ୍ଞତାର ଭାବ ବୃଦ୍ଧି ପାଏ ଏବଂ କୃତଜ୍ଞତା ପ୍ରକଟ ପୂର୍ବକ ତାଙ୍କ ଋଣରୁ ମୁକ୍ତ ହେବାର କିଞ୍ଚିତ୍ ସୁଯୋଗ ମିଳେ । ତୃତୀୟରେ, ବୟୋବୃଦ୍ଧ ଓ ଜ୍ଞାନବୃଦ୍ଧଙ୍କ

ସେବା-ସଙ୍ଗ ଦ୍ୱାରା ଆୟୁ, ବିଦ୍ୟା, ଯଶ, ବଳ, ବିନମ୍ରତା ଆଦି ପ୍ରାପ୍ତ ହୁଏ ।

୩୮.ପ୍ର - ବଳିବୈଶ୍ୱଦେବଯଜ୍ଞ କାହାକୁ କହନ୍ତି ?

ଉ - ଭୋଜନ ପୂର୍ବରୁ ରୋଷେଇ ହୋଇଥିବା ଖଟା ଓ ଲବଣରହିତ ଘୃତମିଷ୍ଟଯୁକ୍ତ ଅନ୍ନ ଅଗ୍ନିରେ ଦେବା, ପଶୁପକ୍ଷୀ ଆଦି ପ୍ରାଣୀଙ୍କୁ ଅନ୍ନାଦି ପ୍ରଦାନ କରିବା, ଗୋଜାତିର ରକ୍ଷା-ସମୃଦ୍ଧି ଆଦି ପାଇଁ ଅନ୍ନାଦି ଦାନ ଓ ସହଯୋଗାଦି କରିବା ଏବଂ ଅନାଥ, ବିକଳାଙ୍ଗ, ରୁଗ୍ଣ, ଅସହାୟ, ନିର୍ଦ୍ଧନ ବ୍ୟକ୍ତିଙ୍କୁ ଅନ୍ନାଦି ଦେବା, ସେବା-ସହାୟତା କରିବାକୁ ବଳିବୈଶ୍ୱଦେବଯଜ୍ଞ କୁହାଯାଏ ।

୩୯.ପ୍ର - ବଳିବୈଶ୍ୱଦେବଯଜ୍ଞ ଦ୍ୱାରା କ'ଣ ଲାଭ ହୁଏ ?

ଉ - ସଂସାରର ଅନେକ ପ୍ରାଣୀ ଅନେକ ପ୍ରକାରରେ ମନୁଷ୍ୟର ଉପକାର କରୁଛନ୍ତି । ସେମାନଙ୍କ ଯୋଗୁଁ ମନୁଷ୍ୟ ସୁଖପୂର୍ବକ ସଂସାରରେ ଜୀବନଯାପନ କରିପାରୁଛି । ବଳିବୈଶ୍ୱଦେବଯଜ୍ଞ ଦ୍ୱାରା ସେମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ ହୋଇଥାଏ । ରୋଗୀ, ଅସହାୟଙ୍କ ସେବା-ସହାୟତା କରିବା ଦ୍ୱାରା ଆମ ହୃଦୟରୁ ନିଷ୍ଠୁରତା, କଠୋରତା, ସ୍ୱାର୍ଥପରତା, ଘୃଣା-ଦ୍ୱେଷ ଦୂର ହୋଇ ଅନ୍ତର କୋମଳତା, ପ୍ରେମ ଓ କରୁଣାରେ ପୂର୍ଣ୍ଣ ହୁଏ, ଯଦ୍ଦ୍ୱାରା ଆମେ ବି ଈଶ୍ୱରୀୟ କରୁଣା ଲାଭର ପାତ୍ର ହୋଇଥାଉ; ଅନ୍ୟର ଦୁଃଖ ଦେଖିବା, ଅନୁଭବ କରିବା ଦ୍ୱାରା ଭୁଲ୍ କର୍ମ ନ କରିବା ପାଇଁ ଆମ ମନରେ ଭାବନା ବଳବତୀ ହୁଏ । ଆମର ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ ।

୪୦.ପ୍ର - ଅତିଥି କାହାକୁ କହନ୍ତି ଓ କାହିଁକି ?

ଉ - ସଂସାରର କଲ୍ୟାଣ ନିମନ୍ତେ ନିରନ୍ତର ଭ୍ରମଣଶୀଳ ଧାର୍ମିକ, ସତ୍ୟୋପଦେଶକ, ବିଦ୍ୱାନ୍, ଯୋଗୀ, ସନ୍ନ୍ୟାସୀ, ସନ୍ଥ, ମହାତ୍ମାଙ୍କୁ ଅତିଥି କୁହାଯାଏ କାରଣ ଏମାନେ ଭ୍ରମଣ କରୁ କରୁ କୌଣସି ବି ଗୃହରେ ଆକସ୍ମିକ ଭାବେ ପହଞ୍ଚିଥାଆନ୍ତି ।

୪୧.ପ୍ର - ଅତିଥିଯଜ୍ଞ କ'ଣ ?

ଉ - ଗୃହକୁ ଆଗତ ସମାଜ କଲ୍ୟାଣରେ ରତ ସାଧୁ-ସନ୍ଥ ଆଦି ଅତିଥିଙ୍କୁ ସେବା-ସତ୍କାର କରିବା ଓ ତାଙ୍କଠୁ ଉପଦେଶ ଗ୍ରହଣ କରିବାକୁ ଅତିଥିଯଜ୍ଞ କହନ୍ତି ।

୪୨.ପ୍ର - ଅତିଥିଯଜ୍ଞ ଦ୍ୱାରା କ'ଣ ଲାଭ ହୁଏ ?

ଉ - ଅତିଥିଯଜ୍ଞ ଦ୍ୱାରା ସତ୍ୟଜ୍ଞାନ ପ୍ରାପ୍ତି, ସଂଶୟନିବୃତ୍ତି, ଧର୍ମରେ ସ୍ଥିରମତି, କର୍ତ୍ତବ୍ୟରେ ଦୃଢ଼ତା ଆଦି ଲାଭ ହୁଏ ।

୪୩.ପ୍ର - କ'ଣ ପ୍ରତ୍ୟେକ ଆଶ୍ରମସ୍ଥ ବ୍ୟକ୍ତି ପାଞ୍ଚୋଟି ଯାକ ଯଜ୍ଞ କରିବା ଅନିବାର୍ଯ୍ୟ ?

ଉ - ବ୍ରହ୍ମଚାରୀ ବ୍ରହ୍ମଯଜ୍ଞ ଓ ଦେବଯଜ୍ଞ-ଏ ଦୁଇଟି ଯଜ୍ଞ କରିବା ଅନିବାର୍ଯ୍ୟ । ଗୃହସ୍ଥ ଓ ବାନପ୍ରସ୍ଥ ପାଞ୍ଚୋଟି ଯାକ ମହାଯଜ୍ଞ କରିବା ଆବଶ୍ୟକ । ସନ୍ନ୍ୟାସୀ ସକାଶେ କେବଳ ବ୍ରହ୍ମଯଜ୍ଞର ଅନୁଷ୍ଠାନ ଅନିବାର୍ଯ୍ୟ ।

✲ ✲ ✲

# ବିବିଧ

୧. ପ୍ର - ଆମ ଦେଶର ସର୍ବପ୍ରାଚୀନ ଓ ପ୍ରଥମ ନାମ କ'ଣ ?

ଉ - ଆମ ଦେଶର ସର୍ବପ୍ରାଚୀନ ଓ ପ୍ରଥମ ନାମ ଆର୍ଯ୍ୟାବର୍ତ୍ତ ।

୨. ପ୍ର - ଆମର ସାଂସ୍କୃତିକ ଓ ପ୍ରାଚୀନ ନାମ କ'ଣ ?

ଉ - ଆମର ସାଂସ୍କୃତିକ ଓ ପ୍ରାଚୀନ ନାମ ଆର୍ଯ୍ୟ ।

୩. ପ୍ର - ସଂସାରର ସର୍ବପ୍ରଥମ ଭାଷା କେଉଁଟି ?

ଉ - ସଂସାରର ସର୍ବପ୍ରଥମ ଭାଷା ସଂସ୍କୃତ ।

୪. ପ୍ର - ଆର୍ଯ୍ୟ କାହାକୁ କହନ୍ତି ?

ଉ - ଉତ୍ତମ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ, ପ୍ରଗତିଶୀଳ ମନୁଷ୍ୟକୁ ଆର୍ଯ୍ୟ କହନ୍ତି ।

୫. ପ୍ର - ଆର୍ଯ୍ୟମାନଙ୍କ ମୂଳ ବାସସ୍ଥାନ କେଉଁଠି ?

ଉ - ଆର୍ଯ୍ୟାବର୍ତ୍ତ ହିଁ ଆର୍ଯ୍ୟମାନଙ୍କ ଆଦି ବାସସ୍ଥାନ ।

୬. ପ୍ର - କ'ଣ ଆର୍ଯ୍ୟମାନେ ଭାରତବର୍ଷକୁ ବାହାରୁ ଆସିଛନ୍ତି ?

ଉ - ନା । ପୂର୍ବରୁ କୁହାଯାଇଛି ଯେ ଆର୍ଯ୍ୟମାନେ ହିଁ ଆର୍ଯ୍ୟାବର୍ତ୍ତ (ଭାରତ)ର ମୂଳ ବାସିନ୍ଦା । ତେଣୁ ସେମାନେ ଭାରତକୁ ବାହାରୁ ଆସିନାହାନ୍ତି, ବରଂ ଏହି ଆର୍ଯ୍ୟାବର୍ତ୍ତ ଭାରତବର୍ଷରୁ ବିଭିନ୍ନ ଦେଶକୁ ଯାଇଛନ୍ତି ।

୭. ପ୍ର - ବୈଦିକ ଧର୍ମୀଙ୍କ ଅଭିବାଦନ ଶବ୍ଦ କ'ଣ ?

ଉ - ବୈଦିକ ଧର୍ମୀଙ୍କ ଅଭିବାଦନ ଶବ୍ଦ 'ନମସ୍ତେ' ।

୮. ପ୍ର - ଅଭିବାଦନ କିପରି କରାଯାଏ ?

ଉ - ମାତା, ପିତା, ଆଚାର୍ଯ୍ୟ ଆଦିଙ୍କୁ ଚରଣସ୍ପର୍ଶ ପୂର୍ବକ ପ୍ରଣାମ କରାଯାଏ ତଥା ଅନ୍ୟମାନଙ୍କୁ ହୃଦୟପାଖରେ ହାତଯୋଡ଼ି, ମୁଣ୍ଡନୁଆଁଇ ଅଭିବାଦନ କରାଯାଏ । ପତ୍ନୀ ପତିଙ୍କ ଚରଣସ୍ପର୍ଶ କରି ପ୍ରଣାମ କରିବା ଉଚିତ ।

୯. ପ୍ର - ହାତଯୋଡ଼ି, ମୁଣ୍ଡନୁଆଁଇ ଅଭିବାଦନ କରିବାର ଅର୍ଥ କ'ଣ ?

ଉ - ମସ୍ତକ ଜ୍ଞାନର, ହାତ କର୍ମ ଓ ଶକ୍ତିର ଏବଂ ହୃଦୟ ଭକ୍ତିର ପ୍ରତୀକ । ଏ ତିନୋଟି ଏକତ୍ର କରି ଅଭିବାଦନ କରିବାର ଅର୍ଥ— 'ମୁଁ ଜ୍ଞାନପୂର୍ବକ ଭକ୍ତିସହକାରେ ପୂର୍ଣ୍ଣ ସାମର୍ଥ୍ୟପୂର୍ବକ ଆପଣଙ୍କୁ ସମ୍ମାନ ଜଣାଉଅଛି, ସ୍ୱାଗତ-ସତ୍କାର କରୁଅଛି' ।

୧୦.ପ୍ର - କ'ଣ ସଂସାରର ସବୁ ପଦାର୍ଥକୁ ଅଭିବାଦନ ବା ପ୍ରଣାମ କରିବା ଉଚିତ ?

ଉ - ନା । ଅଭିବାଦନ ବା ପ୍ରଣାମର ଅର୍ଥ ବୁଝିବାର କ୍ଷମତା ଯାହାର ନାହିଁ, ତାକୁ ଅଭିବାଦନ କରିବା ଅନୁଚିତ ଏବଂ ପ୍ରଣାମର ଅର୍ଥ ବୁଝିବା କ୍ଷମତା ଯାହାର ଅଛି ତାକୁ ପ୍ରଣାମ କରିବା ଉଚିତ । ମାଟି, କାଠ, ପଥର, ଜଳ, ଅଗ୍ନି, ବାୟୁ, ସୂର୍ଯ୍ୟ, ଚନ୍ଦ୍ର ଆଦି ଜଡ଼ ପଦାର୍ଥର ଜାଣିବା-ବୁଝିବା କ୍ଷମତା ନାହିଁ । ଏଣୁ ଏସବୁକୁ ଅଭିବାଦନ କରିବା ଅନୁଚିତ, ବୁଦ୍ଧିବିରୁଦ୍ଧ କାର୍ଯ୍ୟ । କୀଟ-ପତଙ୍ଗାଦି ଚେତନ ପ୍ରାଣୀ ହୋଇଥିଲେ ହେଁ ଅଭିବାଦନର ଅର୍ଥ ବୁଝିବାରେ ଅଯୋଗ୍ୟ । ଏଣୁ ଏମାନଙ୍କୁ ବି ପ୍ରଣାମ କରଣୀୟ ନୁହେଁ । ମଣିଷ ପ୍ରଣାମ ବା ଅଭିବାଦନର ଅର୍ଥ ବୁଝିବାରେ ସକ୍ଷମ ହୋଇଥିବାରୁ ମଣିଷକୁ ହିଁ ପ୍ରଣାମ କରିବା ବିଧେୟ ।

୧୧.ପ୍ର - ଅଭିବାଦନ କରିବା ଦ୍ୱାରା କ'ଣ ଲାଭ ହୁଏ ?

ଉ - ଅଭିବାଦନ କରିବା ଦ୍ୱାରା ବ୍ୟକ୍ତିର ଅହଂକାର, ଘୃଣା, ଦ୍ୱେଷ ଆଦି ନାଶ ଯାଇ ପାରସ୍ପରିକ ପ୍ରୀତି, ନମ୍ରତା, ବିନୟ, ସୁଶୀଳତା ଓ ଗୁଣଗ୍ରହଣର କ୍ଷମତା ବଢ଼େ । ବୟୋବୃଦ୍ଧ ଓ ଜ୍ଞାନବୃଦ୍ଧଙ୍କ ସେବା ପ୍ରତି ରୁଚି ଜାଗ୍ରତ ହୁଏ ତଥା ସେମାନଙ୍କ ମାର୍ଗଦର୍ଶନ ରୂପକ ଆଶୀର୍ବାଦରେ ବ୍ୟକ୍ତିର ଆୟୁ, ବିଦ୍ୟା, ଯଶ ଓ ବଳ ଏ ଚାରୋଟି ବୃଦ୍ଧି ପାଏ ।

୧୨.ପ୍ର - କ'ଣ ଛୋଟ-ବଡ଼ ସମସ୍ତେ ପରସ୍ପରକୁ ନମସ୍ତେ କହି ଅଭିବାଦନ କରିପାରିବେ ?

ଉ - ହଁ । ନମଃ + ତେ = ନମସ୍ତେ । 'ନମସ୍ତେ'ର ଅର୍ଥ ମୁଁ ଆପଣଙ୍କୁ ସମ୍ମାନ, ଆଦର, ସତ୍କାର ଆଦି କରୁଅଛି, ନମ୍ରତା ପୂର୍ବକ ଅଭିବାଦନ ଜଣାଉଛି । 'ନମସ୍ତେ' ଶବ୍ଦ ଗୁରୁଜନଙ୍କ ପାଇଁ ସମ୍ମାନ-ସତ୍କାର ଆଦି ଅର୍ଥଦ୍ୟୋତକ, ସମବୟସ୍କଙ୍କ ସକାଶେ ଶୁଭେଚ୍ଛା ଓ ପ୍ରୀତି ଆଦିର ସୂଚକ ତଥା ଲଘୁଜନଙ୍କ ନିମନ୍ତେ ସ୍ନେହ-ଆଦର-ଆଶୀର୍ବାଦର ସୂଚକ । ଏଣୁ ବଡ଼-ସାନ ନିର୍ବିଶେଷରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ 'ନମସ୍ତେ' କହି ଅଭିବାଦନ କରିପାରିବେ ।

୧୩.ପ୍ର - କ'ଣ 'ଜୟ ଶ୍ରୀରାମ', 'ଜୟଗୁରୁ' ଆଦି ଅଭିବାଦନ ପାଇଁ ଯଥାର୍ଥ ଶବ୍ଦ ହୋଇପାରେ କି ?

ଉ - 'ଜୟ ଶ୍ରୀରାମ'ର ଅର୍ଥ ଶ୍ରୀରାମଙ୍କ ଜୟ ହେଉ, 'ଜୟଗୁରୁ'ର ଅର୍ଥ ଗୁରୁଙ୍କର ଜୟ ହେଉ । ଅତଃ ଏଭଳି ଶବ୍ଦ କୌଣସି ମହାପୁରୁଷଙ୍କ କର୍ମ, ଲକ୍ଷ୍ୟ ଓ ଆଦର୍ଶର ପୂର୍ଣ୍ଣତା, ବିଜୟ ଆଦି ସକାଶେ ସଦିଚ୍ଛା ଓ ଶୁଭକାମନା; ସେମାନଙ୍କ ଅନୁଗାମୀଙ୍କ ମଧ୍ୟରେ ପ୍ରତିବଦ୍ଧତା, ଉତ୍ସାହ ବୃଦ୍ଧି ପାଇଁ ପ୍ରେରଣାପ୍ରଦ ଜୟଘୋଷ ।

କିନ୍ତୁ ଏସବୁ ଶବ୍ଦ ଅଭିବାଦନ ନିମନ୍ତେ ଯଥାର୍ଥ ନୁହନ୍ତି, କାରଣ ଏସବୁରୁ ପାରସ୍ପରିକ ଅଭିବାଦନର ଭାବନା ଅଭିବ୍ୟକ୍ତ ହୁଏ ନାହିଁ ।

୧୪.ପ୍ର - ପୁରୁଷାର୍ଥ କାହାକୁ କହନ୍ତି ?

ଉ - ଶରୀର ରୂପକ ପୁରରେ ରହୁଥିବାରୁ ଜୀବାତ୍ମାକୁ ପୁରୁଷ କୁହାଯାଏ । ମାନବ ଶରୀରରେ ଜୀବାତ୍ମା ବା ପୁରୁଷର ଅର୍ଥ ବା ପ୍ରୟୋଜନ, ଅଭିଳାଷ, ଆବଶ୍ୟକତାକୁ ପୁରୁଷାର୍ଥ କୁହାଯାଏ ।

୧୫.ପ୍ର - ପୁରୁଷାର୍ଥ କେତୋଟି ଓ କ'ଣ କ'ଣ ?

ଉ - ପୁରୁଷାର୍ଥ ୪ଟି — ଧର୍ମ, ଅର୍ଥ, କାମ ଓ ମୋକ୍ଷ ।

୧୬.ପ୍ର - କାହାକୁ ଧାରଣ କରିବା ଦ୍ୱାରା ମନୁଷ୍ୟ ପଶୁ-ପକ୍ଷୀ ଆଦିଙ୍କଠାରୁ ଶ୍ରେଷ୍ଠ ହୁଏ ?

ଉ - ଧର୍ମକୁ ଧାରଣ କଲେ ମନୁଷ୍ୟ ପଶୁ-ପକ୍ଷୀ ଆଦିଙ୍କଠାରୁ ଶ୍ରେଷ୍ଠ ହୁଏ । ନଚେତ୍ ମନୁଷ୍ୟ ପଶୁ-ପକ୍ଷୀଙ୍କ ସଙ୍ଗେ ସମାନ ।

୧୭.ପ୍ର - ଧର୍ମ କାହାକୁ କହନ୍ତି ?

ଉ - ପକ୍ଷପାତରହିତ ନ୍ୟାୟାଚରଣ, ସତ୍ୟ ଗ୍ରହଣ ଓ ଅସତ୍ୟ ତ୍ୟାଗ, ଈଶ୍ୱରଙ୍କ ଆଜ୍ଞା ବେଦର ଅବିରୁଦ୍ଧ ଆଚରଣ, ପରୋପକାର ଆଦିକୁ ଧର୍ମ କୁହାଯାଏ ।

୧୮.ପ୍ର - ମନୁଷ୍ୟର ଧର୍ମ କେତୋଟି ଓ କ'ଣ ?

ଉ - ମନୁଷ୍ୟର ଧର୍ମ ଏକ । ଈଶ୍ୱର ସୃଷ୍ଟି ଆରମ୍ଭରେ ବେଦ ମାଧ୍ୟମରେ ଏହାର ଜ୍ଞାନ ଦେଇଥିବାରୁ ଏହାକୁ ବୈଦିକ ଧର୍ମ କୁହାଯାଏ । ମନୁଷ୍ୟର ସୃଷ୍ଟି ଆରମ୍ଭରୁ ଏହା ବିଦ୍ୟମାନ ଥିବାରୁ ଓ ଅପରିବର୍ତ୍ତନୀୟ ହୋଇଥିବାରୁ ଏହାକୁ ସନାତନ ଧର୍ମ କହନ୍ତି ।

୧୯.ପ୍ର - ବୈଦିକ ବାଙ୍ମୟରେ ମନୁଷ୍ୟ ପାଇଁ ଆଚରଣୀୟ ଧର୍ମର ଲକ୍ଷଣ କ'ଣ କୁହାଯାଇଛି ?

ଉ - ଧୈର୍ଯ୍ୟ ରଖିବା, କ୍ଷମା କରିବା, ମନ ଉପରେ ନିୟନ୍ତ୍ରଣ, ଚୋରୀ ନ କରିବା, ପବିତ୍ରତା, ଇନ୍ଦ୍ରିୟନିଗ୍ରହ, ବୁଦ୍ଧି ବଢ଼ାଇବା, ଜ୍ଞାନ-ବିଜ୍ଞାନ ପ୍ରାପ୍ତ କରିବା, ସତ୍ୟ କହିବା, କ୍ରୋଧ ନକରିବା ଆଦି ଧର୍ମର ଲକ୍ଷଣ ବୋଲି ବୈଦିକ ସାହିତ୍ୟରେ ବର୍ଣ୍ଣନା କରାଯାଇଛି । କାରଣ ଏସବୁର ଆଚରଣ ଦ୍ୱାରା ମଣିଷ ଭିତରେ ମନୁଷ୍ୟତା ବା ମାନବିକତା ସ୍ଥିର ରହିଥାଏ ତଥା ସମାଜ ବ୍ୟବସ୍ଥିତ ହୋଇଥାଏ ।

୨୦.ପ୍ର - ଧର୍ମର ସାମାନ୍ୟ ପରିଭାଷା କ'ଣ ?

ଉ - ଧର୍ମର ସାମାନ୍ୟ ପରିଭାଷା ହେଲା ଯେ ସ୍ୱ ଆତ୍ମାର ପବିତ୍ରତା ଓ ବିଦ୍ୟାର ଅନୁକୂଳ ଯେଉଁ ବ୍ୟବହାର ଆମ ପ୍ରତି କେହି କଲେ ଆମକୁ ଭଲ ଲାଗେ ସେପରି ବ୍ୟବହାର ଆମେ ଅନ୍ୟ ପ୍ରତି କରିବା ଏବଂ ଯେଉଁଭଳି ବ୍ୟବହାର ଆମ ପ୍ରତି କରାଗଲେ ଆମକୁ ଭଲ ଲାଗେ ନାହିଁ ସେଭଳି ଅନ୍ୟ ପ୍ରତି ନ କରିବା ।

୨୧.ପ୍ର - ପାପ କାହାକୁ କହନ୍ତି ?

ଉ - ଅଧର୍ମ ଆଚରଣକୁ ପାପ କହନ୍ତି ।

୨୨.ପ୍ର - ଅଧର୍ମ ଆଚରଣ କାହାକୁ କହନ୍ତି ?

ଉ - ଈଶ୍ୱରଙ୍କ ଆଜ୍ଞା, ଶାସ୍ତ୍ରର ବିଧି-ବିଧାନ, ମହାପୁରୁଷଙ୍କ ବେଦ ଅବିରୋଧୀ ନିର୍ଦ୍ଦେଶ ତଥା ସ୍ୱ ଆତ୍ମାରେ ଉତ୍ପନ୍ନ ହେଉଥିବା ପବିତ୍ର ବିଚାର (ବିବେକ)ର ବିପରୀତ ଆଚରଣକୁ ଅଧର୍ମାଚରଣ କହନ୍ତି ।

୨୩.ପ୍ର - ଜୀବନକୁ ଶ୍ରେଷ୍ଠ କରିବା ପାଇଁ ବୈଦିକ ଧର୍ମରେ ଆଉ କେଉଁ ବିଧି-ବିଧାନ କୁହାଯାଇଛି ?

ଉ - ଜୀବନକୁ ଶ୍ରେଷ୍ଠ କରିବା ପାଇଁ ବୈଦିକ ଧର୍ମରେ ୧୬ ସଂସ୍କାର କରିବା ବିଧି-ବିଧାନ କୁହାଯାଇଛି ।

୨୪.ପ୍ର - ସଂସ୍କାର କାହାକୁ କୁହାଯାଏ ?

ଉ - ଅନ୍ତଃକରଣରେ ପଡ଼ିଥିବା ଅଶୁଭ କର୍ମର ସୂକ୍ଷ୍ମ ଛାପ, ପ୍ରଭାବକୁ ଦୂର କରି ତାକୁ ଶୁଦ୍ଧ, ପରିଷ୍କାର କରିବା, ସେ ସ୍ଥାନରେ ଶୁଭଗୁଣର ଆଧାନ ଓ ସମ୍ବର୍ଦ୍ଧନ କରି ଆତ୍ମା, ମନ ଓ ଶରୀରକୁ ଅଳଂକୃତ, ସୁଶୋଭିତ କରିବା ପଦ୍ଧତିକୁ ସଂସ୍କାର କୁହାଯାଏ ।

୨୫.ପ୍ର - ୧୬ ସଂସ୍କାରର ନାମ କ'ଣ ?

ଉ - ୧୬ ସଂସ୍କାରର ନାମ ହେଲା— ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, କର୍ଣ୍ଣବେଧ, ଉପନୟନ, ବେଦାରମ୍ଭ, ସମାବର୍ତ୍ତନ, ବିବାହ, ବାନପ୍ରସ୍ଥ, ସନ୍ନ୍ୟାସ ଓ ଅନ୍ତ୍ୟେଷ୍ଟି ।

୨୬.ପ୍ର - ସ୍ୱସ୍ଥ ଓ ନିରାମୟ ଜୀବନର ମୂଳ ଆଧାର ସ୍ତମ୍ଭ କ'ଣ ?

ଉ - ମାନବ ଜୀବନକୁ ସ୍ୱସ୍ଥ ଓ ନିରାମୟ ରଖିବାର ମୂଳ ଆଧାର ସ୍ତମ୍ଭ ହେଲା— ଆହାର, ନିଦ୍ରା ଓ ବ୍ରହ୍ମଚର୍ଯ୍ୟ । ଜୀବନରେ ଏ ତିନୋଟିର ସମୁଚିତ ପ୍ରୟୋଗରେ ଜୀବନ ସ୍ୱସ୍ଥ ରହେ ।

୨୭.ପ୍ର - ଭୋଜନ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଭୋଜନ ତିନି ପ୍ରକାର— ସାତ୍ତ୍ୱିକ, ରାଜସିକ ଓ ତାମସିକ ।

୨୮.ପ୍ର - ଭୋଜନର ମନ ଉପରେ କ'ଣ ପ୍ରଭାବ ପଡ଼େ ?

ଉ - ସାତ୍ତ୍ୱିକ ଭୋଜନ ଦ୍ୱାରା ମନ ଶୁଦ୍ଧ ହୁଏ, ରାଜସିକ ଭୋଜନ

ଦ୍ୱାରା ମନ ଚଞ୍ଚଳ ହୁଏ ଏବଂ ତାମସିକ ଭୋଜନ ମୋହ, ଆଳସ୍ୟ ଆଦି ଉତ୍ପନ୍ନ କରେ ।

୨୯.ପ୍ର - ସାତ୍ତ୍ୱିକ ଭୋଜନ କାହାକୁ କହନ୍ତି ?

ଉ - ଆୟୁ, ବୁଦ୍ଧି, ବଳ ଓ ଆରୋଗ୍ୟବର୍ଦ୍ଧକ ତଥା ସୁଖ, ପ୍ରୀତି, ଦୟା, ଶାନ୍ତି ଓ ଅହିଂସା ଆଦି ସତ୍ତ୍ୱଗୁଣ ବର୍ଦ୍ଧକ, ରସଯୁକ୍ତ, ସ୍ନିଗ୍ଧ ଭୋଜନକୁ ସାତ୍ତ୍ୱିକ ଭୋଜନ କହନ୍ତି । ଯଥା— ଅନ୍ନ, ଡାଲି, ପନିପରିବା, ଫଳ-ମୂଳ, ଦୁଧ-ଦହି-ଘିଅ ପ୍ରଭୃତି ।

୩୦.ପ୍ର - ରାଜସିକ ଭୋଜନ କାହାକୁ କହନ୍ତି ?

ଉ - ଦୁଃଖ, ଶୋକ ଓ ରୋଗଦାୟକ ଅତ୍ୟନ୍ତ ତେଲ-ଲଙ୍କା-ମସଲାଯୁକ୍ତ, ଖଟା, ଲୁଣିଆ, ଅତିଗରମ ଭୋଜନକୁ ରାଜସିକ ଭୋଜନ କହନ୍ତି ।

୩୧.ପ୍ର - ତାମସିକ ଭୋଜନ କେଉଁଟି ?

ଉ - ରୋଗ, ଆଳସ୍ୟ ଓ ମୋହକାରକ ବାସି, ଦୁର୍ଗନ୍ଧଯୁକ୍ତ, ପଚାସଢ଼ା, ଅନ୍ୟର ଅଇଁଠା, ଅଭକ୍ଷ୍ୟ ମାଛ-ମାଂସ-ଅଣ୍ଡାଦି ଆମିଷ ଦ୍ରବ୍ୟ, ବୁଦ୍ଧିନାଶକ ମଦ-ଗଞ୍ଜେଇ-ଭାଙ୍ଗ ଆଦି ସକଳ ନିଶାଦ୍ରବ୍ୟ ତାମସିକ ପଦାର୍ଥର ଅନ୍ତର୍ଗତ ।

୩୨.ପ୍ର - ମାଛ, ମାଂସ, ଅଣ୍ଡା ଆଦି ଆମ ପାଇଁ ଅଭକ୍ଷ୍ୟ କାହିଁକି ?

ଉ - ମନୁଷ୍ୟର ଶରୀର ମାଂସାହାର ଅର୍ଥାତ୍ ମାଛ, ମାଂସ, ଅଣ୍ଡା ଆଦି ପଦାର୍ଥ ଖାଇବା ନିମନ୍ତେ ପ୍ରାକୃତିକ ରୂପେ ଉପଯୁକ୍ତ ହୋଇନଥିବାରୁ, ଜୋର୍ କରି ମନୁଷ୍ୟର ପ୍ରକୃତିବିରୁଦ୍ଧ ଏସବୁ ପଦାର୍ଥ ଭୋଜନ କଲେ ମନୁଷ୍ୟର ସ୍ୱଭାବ ହିଂସ୍ର ହୋଇଯାଉଥିବାରୁ ଏବଂ ଶରୀର ରୋଗର ଗନ୍ତାଘର

ପାଲଟିଯାଉଥିବାରୁ ମାଛ, ମାଂସ, ଅଣ୍ଡା ଆଦି ମନୁଷ୍ୟ ପକ୍ଷେ ଅଭକ୍ଷ୍ୟ ପଦାର୍ଥ ।

୩୩.ପ୍ର - ମାଛ, ମାଂସ, ଅଣ୍ଡା ଆଦି ମନୁଷ୍ୟର ସ୍ୱାଭାବିକ ଭୋଜନ ନୁହେଁ ବୋଲି ପ୍ରମାଣ କ'ଣ ?

ଉ - ମାଛ, ମାଂସ, ଅଣ୍ଡା ଆଦି ମନୁଷ୍ୟର ସ୍ୱାଭାବିକ ଭୋଜନ ନୁହେଁ ଏ ସମ୍ବନ୍ଧୀୟ ସର୍ବଶ୍ରେଷ୍ଠ ପ୍ରମାଣ ହେଲା ଯେ ସଂସାରର ରଚୟିତା ଈଶ୍ୱର ମନୁଷ୍ୟଙ୍କ ପାଇଁ ଦେଇଥିବା ସମ୍ବିଧାନ 'ବେଦ'ରେ ହିଂସା, ମାଂସାଦି ଭକ୍ଷଣର ନିଷେଧ କରିଛନ୍ତି ଏବଂ ବିଭିନ୍ନ ଶସ୍ୟ, ଫଳ-ମୂଳ, ଦୁଧ-ଦହି, ପନି-ପରିବା ଆଦି ଭୋଜନର ବିଧାନ କରିଛନ୍ତି । ଏତଦ୍‌ବ୍ୟତୀତ ଗାଈ, ଘୋଡ଼ା, ହାତୀ, ମାଙ୍କଡ଼ ଆଦି ଶାକାହାରୀ ପ୍ରାଣୀଙ୍କ ଶରୀର ଗଠନ ଏବଂ ବିରାଡ଼ି, କୁକୁର, ବାଘ, ସିଂହ ଆଦି ମାଂସାହାରୀ ପ୍ରାଣୀଙ୍କ ଶରୀର ଗଠନ ମଧ୍ୟରେ ଅନେକ ମୌଳିକ ପ୍ରଭେଦ ଦେଖାଯାଏ । ସେଭିତରୁ କେତୋଟି ହେଲା—

କ. ଶାକାହାରୀ ପ୍ରାଣୀଙ୍କ ଆଖି ଜନ୍ମ ହେବା ମାତ୍ରକେ ଖୋଲୁଥିବା ବେଳେ ମାଂସାହାରୀ ପ୍ରାଣୀଙ୍କ ଆଖି ଜନ୍ମର କିଛି ସପ୍ତାହ ପରେ ଖୋଲେ ।

ଖ. ଶାକାହାରୀ ପ୍ରାଣୀ ଅନ୍ଧାରରେ କମ୍ ଦେଖିପାରୁଥିବା ସ୍ଥଳେ ମାଂସାହାରୀ ପ୍ରାଣୀ ଅନ୍ଧାରରେ ପରିଷ୍କାର ଦେଖିପାରନ୍ତି ।

ଗ. ଶାକାହାରୀ ପ୍ରାଣୀଙ୍କ ଘ୍ରାଣଶକ୍ତି ଏତେ ତୀବ୍ର ନୁହେଁ, କିନ୍ତୁ ମାଂସାହାରୀ ପ୍ରାଣୀଙ୍କ ଘ୍ରାଣଶକ୍ତି ଅତ୍ୟନ୍ତ ତୀବ୍ର ଯାହାକି ତାଙ୍କୁ ଶିକାର ଧରିବାରେ ସହାୟତା କରେ ।

ଘ. ଶାକାହାରୀ ପ୍ରାଣୀଙ୍କ ଦାନ୍ତ ମୁନିଆଁ ନ ହୋଇ ସିଧା, ଚେପଟା ଓ

ଆକୃତି ଅର୍ଦ୍ଧବୃତ୍ତାକାର ଯାହାକି ଘାସ, ପତ୍ର, ଫଳ ଆଦି କାଟିବା, ଚୋବାଇବା, ପେଷିବାରେ ସାହାଯ୍ୟ କରେ । ମାଂସାହାରୀ ପ୍ରାଣୀଙ୍କ ଦାନ୍ତ ବଡ଼-ବଡ଼, ଭିତର ଆଡ଼କୁ ସାମାନ୍ୟ ବଙ୍କା, ମୁନିଆଁ (ତୀକ୍ଷ୍ଣ), ଧାରୁଆ ହୋଇଥିବାରୁ ସେମାନେ ଶିକାରକୁ ଚିରି ଖଣ୍ଡ-ଖଣ୍ଡ କରି ଗିଳିପକାନ୍ତି ।

ଙ. ଶାକାହାରୀ ପ୍ରାଣୀଙ୍କ ଜିଭ ଚିକ୍କଣ ଅଥଚ ମାଂସାହାରୀ ପ୍ରାଣୀଙ୍କ ଜିଭ ଖଦଖଦଡ଼ିଆ ।

ଚ. ଶାକାହାରୀ ପ୍ରାଣୀମାନେ ଓଠରେ ଶୋଷି ପାଣି ପିଉଥିବା ବେଳେ ମାଂସାହାରୀ ପ୍ରାଣୀମାନେ ଜିଭରେ ଚାକୁ-ଚାକୁ କରି ଚାଟି ପାଣି ପିଅନ୍ତି ।

ଛ. ଶାକାହାରୀଙ୍କ ଦେହରୁ ଝାଳ ବାହାରେ । କିନ୍ତୁ ମାଂସାହାରୀ ପ୍ରାଣୀଙ୍କ ଦେହରୁ ଝାଳ ବହେ ନାହିଁ । ଏଣୁ ଶରୀରର ତାପମାତ୍ରା ସାମାନ୍ୟ ରଖିବା ପାଇଁ ଏମାନେ ଜିଭ ବାହାର କରି ଧକେଇ ହୁଅନ୍ତି ।

ଜ. ଶାକାହାରୀ ପ୍ରାଣୀଙ୍କ ନଖ ସିଧା ଓ ଚେପ୍‌ଟା ହୋଇଥାଏ, କିନ୍ତୁ ମାଂସାହାରୀ ପ୍ରାଣୀଙ୍କ ନଖ ସୁଦୃଢ଼, ବଙ୍କା ଓ ମୁନିଆଁ ଥାଏ ଯାହାକି ଶିକାର ଧରିବାରେ ସାହାଯ୍ୟ କରେ ।

ଝ. ଶାକାହାରୀ ପ୍ରାଣୀଙ୍କ ଅନ୍ତ୍ରନଳୀ ଶରୀର ତୁଳନାରେ ପ୍ରାୟ ୪-୫ ଗୁଣ ଲମ୍ବା । କିନ୍ତୁ ମାଂସାହାରୀ ପ୍ରାଣୀଙ୍କ ଅନ୍ତ୍ରନଳୀ ଛୋଟ ଅର୍ଥାତ୍ ଦେହର ଲମ୍ବ ସହ ପ୍ରାୟ ସମାନ । ଏଣୁ ମାଂସ ସଡ଼ିବା ବା ବିଷାକ୍ତ ହେବା ପୂର୍ବରୁ ହଜମ ହୋଇଯାଏ ।

ଞ. ଫଳ, ପରିବା ବା ଘାସ-ପତ୍ର ହଜମ କରିବା ପାଇଁ ଅଧିକ ପିତ୍ତ ଦରକାର ନଥିବାରୁ ଶାକାହାରୀ ପ୍ରାଣୀଙ୍କ ଯକୃତ ଛୋଟ । ମାଂସ ହଜମ କରିବା ପାଇଁ ଅଧିକ ପିତ୍ତ ଆବଶ୍ୟକ ହେଉଥିବାରୁ

ମାଂସାହାରୀ ପ୍ରାଣୀଙ୍କ ଯକୃତ ବଡ଼ ହୋଇଥାଏ ।

ଟ. ଶାକାହାରୀ ପ୍ରାଣୀଙ୍କ ଲାଳରେ ହାଇଡ୍ରୋକ୍ଲୋରିକ୍ ଏସିଡ୍ କମ୍ ଥାଏ ଓ ଲାଳ କ୍ଷାରଯୁକ୍ତ ବା ଆଲ୍‌କାଲାଇନ୍‌ଯୁକ୍ତ । ତେଣୁ କେବଳ ଘାସ-ପତ୍ର, ଫଳ-ମୂଳ ଆଦି ହଜମ ହୁଏ । ମାଂସାହାରୀ ପ୍ରାଣୀଙ୍କ ଲାଳ ହାଇଡ୍ରୋକ୍ଲୋରିକ୍ ଏସିଡ୍‌ଯୁକ୍ତ ଥିବାରୁ ମାଂସ ସହଜରେ ହଜମ ହୋଇଯାଏ ।

ଠ. ଶାକାହାରୀ ପ୍ରାଣୀ ପରିଶ୍ରମ କଲେ କମ୍ ଥକି ପଡୁଥିବା ଏବଂ ଦୀର୍ଘକାଳ ନିରବଚ୍ଛିନ୍ନ ପରିଶ୍ରମ କରିପାରୁଥିବା ବେଳେ ମାଂସାହାରୀ ପ୍ରାଣୀ ପରିଶ୍ରମ କଲେ ସହଜରେ ଥକିପଡ଼ନ୍ତି ।

ଉପରୋକ୍ତ ପ୍ରଭେଦଗୁଡ଼ିକ ଆଧାରରେ ମନୁଷ୍ୟର ଶରୀରର ଶାକାହାରୀ ପ୍ରାଣୀଙ୍କ ଶରୀର ସହ ସାମଞ୍ଜସ୍ୟ ଦେଖାଯାଏ, ମାଂସାହାରୀ ପ୍ରାଣୀଙ୍କ ସହ ନୁହେଁ । ଏଣୁ ମନୁଷ୍ୟ ସ୍ୱାଭାବିକ ରୂପେ ଏକ ଶାକାହାରୀ ପ୍ରାଣୀ ଏବଂ ମାଛ, ମାଂସ ଓ ଅଣ୍ଡା ତା'ର ସ୍ୱଭାବବିରୁଦ୍ଧ ଭୋଜନ ।

୩୪.ପ୍ର - ମନୁଷ୍ୟ ଶରୀର ପ୍ରାପ୍ତିର ଉଦ୍ଦେଶ୍ୟ କ'ଣ ?

ଉ - ମନୁଷ୍ୟ ଶରୀର ପ୍ରାପ୍ତିର ଉଦ୍ଦେଶ୍ୟ ହେଲା ନିଜ କର୍ମଫଳ ଭୋଗ କରିବା ଏବଂ ସମସ୍ତ ଦୁଃଖରୁ ଉଦ୍ଧାର ପାଇବାର ଉପାୟ କରିବା ।

୩୫.ପ୍ର - ଦୁଃଖ କେତେ ପ୍ରକାର ଓ କ'ଣ କ'ଣ ?

ଉ - ଦୁଃଖ ତିନି ପ୍ରକାର—ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ।

୩୬.ପ୍ର - ଆଧ୍ୟାତ୍ମିକ ଦୁଃଖ କାହାକୁ କହନ୍ତି ?

ଉ - ନିଜ ତ୍ରୁଟି (ମୂର୍ଖତା)ରୁ ପ୍ରାପ୍ତ ଦୁଃଖକୁ ଆଧ୍ୟାତ୍ମିକ ଦୁଃଖ କୁହାଯାଏ । ଯଥା— ଜ୍ୱର, ସର୍ଦ୍ଦି, ବଦହଜମି ଆଦି ତଥା ଈର୍ଷ୍ୟା-ଦ୍ୱେଷ ଆଦିରୁ ପ୍ରାପ୍ତ ଦୁଃଖ ।

୩୭.ପ୍ର - ଆଧିଭୌତିକ ଦୁଃଖ କାହାକୁ କହନ୍ତି ?

ଉ - ଅନ୍ୟ ପଶୁ, ପକ୍ଷୀ, ମନୁଷ୍ୟ ଆଦି ଜୀବଙ୍କ ଦ୍ୱାରା ପ୍ରାପ୍ତ ଦୁଃଖକୁ ଆଧିଭୌତିକ ଦୁଃଖ କହନ୍ତି ।

୩୮.ପ୍ର - ଆଧିଦୈବିକ ଦୁଃଖ କାହାକୁ କୁହାଯାଏ ?

ଉ - ପୃଥିବୀ, ବାୟୁ, ସୂର୍ଯ୍ୟ ଆଦି ପ୍ରାକୃତିକ ଦିବ୍ୟ ଶକ୍ତିଙ୍କ କାରଣରୁ ଭୂମିକମ୍ପ, ଅଂଶୁଘାତ, ତୋଫାନ, ବଢ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରାପ୍ତ ଦୁଃଖକୁ ଆଧିଦୈବିକ ଦୁଃଖ କୁହାଯାଏ ।

୩୯.ପ୍ର - ମାନବ ସମାଜର କେତୋଟି ଶତ୍ରୁ ଓ କ'ଣ କ'ଣ ?

ଉ - ମାନବ ସମାଜର ୪ଟି ଶତ୍ରୁ— ଅଜ୍ଞାନ, ଅନ୍ୟାୟ, ଅଭାବ ଓ ଆଳସ୍ୟ (ଶ୍ରମହୀନତା) ।

୪୦.ପ୍ର - ସମାଜର ଏ ଚାରୋଟି ଶତ୍ରୁଙ୍କ ବିନାଶ ପାଇଁ କ'ଣ ଉପାୟ କରାଯାଇଛି ?

ଉ - ସମାଜର ଏ ଚାରୋଟି ଶତ୍ରୁଙ୍କ ବିନାଶ ପାଇଁ ବର୍ଣ୍ଣବ୍ୟବସ୍ଥା କରାଯାଇଛି ।

୪୧.ପ୍ର - ବର୍ଣ୍ଣ କାହାକୁ କୁହାଯାଏ ?

ଉ - ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରବୃତ୍ତି ଓ ଯୋଗ୍ୟତା ଆଧାରରେ ସ୍ୱ ଜୀବନରେ ଯେଉଁ ସାମାଜିକ କର୍ତ୍ତବ୍ୟ ବରଣ କରେ, ତାକୁ ବର୍ଣ୍ଣ କୁହାଯାଏ ।

୪୨.ପ୍ର - ବର୍ଣ୍ଣ କେତେ ପ୍ରକାର ଓ କ'ଣ କ'ଣ ?

ଉ - ବର୍ଣ୍ଣ ଚାରି ପ୍ରକାର— ୧. ବ୍ରାହ୍ମଣ, ୨. କ୍ଷତ୍ରିୟ, ୩. ବୈଶ୍ୟ ଓ ୪. ଶୂଦ୍ର ।

୪୩.ପ୍ର - ସମାଜର ଏ ଚାରୋଟି ଶତ୍ରୁଙ୍କ ମଧ୍ୟରୁ କିଏ କାହା ଦ୍ୱାରା କିପରି ଦୂର ହୁଅନ୍ତି ?

ଉ - ବ୍ରାହ୍ମଣ ଜ୍ଞାନ ଦ୍ୱାରା ସମାଜର ଅଜ୍ଞାନ ଦୂର କରେ, କ୍ଷତ୍ରିୟ ବଳ ଦ୍ୱାରା ସମାଜର ଅନ୍ୟାୟ ଦୂର କରେ, ବୈଶ୍ୟ ଅନ୍ନ ଓ ଧନ ଦ୍ୱାରା ସମାଜର ଅଭାବ ଦୂର କରେ, ଶୂଦ୍ର ଶ୍ରମ ଦ୍ୱାରା ଶ୍ରମହୀନତା ନିବାରଣ କରେ ବା ଶ୍ରମର ଅଭାବ ପୂରଣ କରେ ।

୪୪.ପ୍ର - ବର୍ଣ୍ଣବ୍ୟବସ୍ଥାର ଆଧାର କ'ଣ ଜନ୍ମ ?

ଉ - ନା, ବର୍ଣ୍ଣବ୍ୟବସ୍ଥାର ଆଧାର ଜନ୍ମ ନୁହେଁ, ଗୁଣ-କର୍ମ-ସ୍ୱଭାବ ।

୪୫.ପ୍ର - କେଉଁ କର୍ମ କଲେ ବ୍ୟକ୍ତିକୁ ବ୍ରାହ୍ମଣ କୁହାଯାଏ ?

ଉ - ବେଦାଦି ଶାସ୍ତ୍ର ପଢ଼ିବା-ପଢ଼ାଇବା, ଯଜ୍ଞ କରିବା ଓ କରାଇବା, ଦାନ ଦେବା ଓ ନେବା— ଏସବୁ କର୍ମ କଲେ ବ୍ୟକ୍ତିକୁ ବ୍ରାହ୍ମଣ କୁହାଯାଏ ।

୪୬.ପ୍ର - କ୍ଷତ୍ରିୟର କର୍ମ କ'ଣ ?

ଉ - ରାଷ୍ଟ୍ରର ସୁରକ୍ଷା, ନ୍ୟାୟ, ପ୍ରଶାସନ ଆଦି କ୍ଷତ୍ରିୟର କର୍ମ ।

୪୭.ପ୍ର - ବୈଶ୍ୟ ବର୍ଣ୍ଣର କର୍ମ କ'ଣ ?

ଉ - କୃଷି, ବ୍ୟାପାର, ପଶୁପାଳନ ଆଦି ବୈଶ୍ୟ ବର୍ଣ୍ଣର କର୍ମ ।

୪୮.ପ୍ର - ଶୂଦ୍ର କାହାକୁ କହନ୍ତି ?

ଉ - ଯାହାର ବୁଦ୍ଧି ମନ୍ଦ (ଅଳ୍ପ) ହୋଇଥାଏ ତଥା ପଢ଼ାଇବାକୁ ବହୁତ ଚେଷ୍ଟା କରିବା ସତ୍ତ୍ୱେ ବି ଯିଏ ଜ୍ଞାନ-ବିଜ୍ଞାନ ବିଶେଷ ଲାଭ କରିପାରେ ନାହିଁ, କିନ୍ତୁ ନିଜ ପବିତ୍ର ଶ୍ରମ ଦ୍ୱାରା ରାଷ୍ଟ୍ରର ଐଶ୍ୱର୍ଯ୍ୟ ବୃଦ୍ଧି କରିଥାଏ ତାକୁ ଶୂଦ୍ର କୁହାଯାଏ ।

୪୯.ପ୍ର - କ'ଣ ବର୍ଣ୍ଣ ପରିବର୍ତ୍ତନ ବି ହୋଇପାରେ ? କାହିଁକି ?

ଉ - ହଁ । ବ୍ରାହ୍ମଣ ଶୂଦ୍ର ହୋଇପାରେ ଏବଂ ଶୂଦ୍ର ବି ବ୍ରାହ୍ମଣ ହୋଇପାରିବ । କାରଣ କର୍ମ ବଦଳିଗଲେ ବର୍ଣ୍ଣ ବଦଳିଯାଏ ।

୫୦.ପ୍ର - ଜାତି କାହାକୁ କହନ୍ତି ?

ଉ - ଜନ୍ମରୁ ସମାନ ଆକାର, ପ୍ରକାର ଓ ଲକ୍ଷଣ ଥିବା ଜୀବମାନଙ୍କୁ ଏକ ଜାତିର ବୋଲି କହନ୍ତି । ଆକୃତି ଜାତିର ଚିହ୍ନ । ଜାତି ଈଶ୍ୱରକୃତ ଓ ସଂଖ୍ୟାରେ ଅନେକ ହେବା ସତ୍ତ୍ୱେ ମୁଖ୍ୟତଃ ୬ ପ୍ରକାର— ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଓ ସରୀସୃପ ।

୫୧.ପ୍ର - ଜାତି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ କ'ଣ ?

ଉ - ଜାତି ଜନ୍ମରୁ ହୁଏ, ଯଥା— ମନୁଷ୍ୟ ଜାତି, ପଶୁଜାତି ଇତ୍ୟାଦି । କିନ୍ତୁ ବ୍ରାହ୍ମଣାଦି ବର୍ଣ୍ଣ ଗୁଣ-କର୍ମ-ସ୍ୱଭାବ ଆଧାରରେ ହୁଏ । ଜାତି ଅପରିବର୍ତ୍ତନୀୟ, କିନ୍ତୁ ବର୍ଣ୍ଣ ପରିବର୍ତ୍ତନଶୀଳ । ମାତା-ପିତା ଯେଉଁ ଜାତିର ଥାଆନ୍ତି, ସନ୍ତାନ ବି ସେଇ ଜାତିର ହିଁ ହୁଏ । ଯଥା— ମାଙ୍କଡ଼ର ଛୁଆ ମାଙ୍କଡ଼ ହିଁ ହୁଏ । କିନ୍ତୁ ମାତା-ପିତା ବ୍ରାହ୍ମଣ ଥାଇ ବି ସନ୍ତାନ ଅନ୍ୟ ବର୍ଣ୍ଣର ହୋଇପାରେ ।

୫୨.ପ୍ର - କ'ଣ ଇତିହାସରେ ବର୍ଣ୍ଣ ପରିବର୍ତ୍ତନର ଉଦାହରଣ ଅଛି ?

ଉ - ହଁ, ଇତିହାସରେ ବର୍ଣ୍ଣ ପରିବର୍ତ୍ତନର ଅନେକ ଉଦାହରଣ ଅଛି । ବିଶ୍ୱାମିତ୍ର କ୍ଷତ୍ରିୟ ପରିବାରରେ ଜନ୍ମିଥିଲେ, ସ୍ୱୟଂ ରାଜ୍ୟ ଶାସନ କରି କ୍ଷତ୍ରିୟ ଥିଲେ; କିନ୍ତୁ ପରବର୍ତ୍ତୀ କାଳରେ ତପସ୍ୟା ଦ୍ୱାରା ବ୍ରାହ୍ମଣ ହେଲେ । ସତ୍ୟକାମ ଜାବାଳଙ୍କର କୌଣସି ବର୍ଣ୍ଣ ଜ୍ଞାତ ନଥିଲା । ହରିଦ୍ରୁମତ ତାଙ୍କୁ ବ୍ରାହ୍ମଣ ବର୍ଣ୍ଣରେ ଦୀକ୍ଷିତ କଲେ । ବୀତହବ୍ୟ କ୍ଷତ୍ରିୟ ରାଜା ଥିଲେ । ସେ କ୍ଷତ୍ରିୟତ୍ୱ ତ୍ୟାଗ କରି ବ୍ରାହ୍ମଣତ୍ୱ ଗ୍ରହଣ କଲେ ।

୫୩.ପ୍ର - ଅସ୍ପୃଶ୍ୟ ଜାତି କିଏ ?

ଉ - ଯେଉଁ ପ୍ରାଣୀଙ୍କୁ ଛୁଇଁବା ବିପଜ୍ଜନକ ସେମାନଙ୍କୁ ଅସ୍ପୃଶ୍ୟ ଜାତି କୁହାଯାଏ । ଯଥା— ସାପ, ବିଛା, ବାଘ, ସିଂହ ଆଦି ।

୫୪.ପ୍ର - ଆଶ୍ରମ କାହାକୁ କହନ୍ତି ? କେତୋଟି ଓ କ'ଣ କ'ଣ ?

ଉ - ବୈଦିକ ଧର୍ମରେ ମନୁଷ୍ୟର ବ୍ୟକ୍ତିଗତ ଜୀବନକୁ ଚାରିଭାଗରେ ବିଭକ୍ତ କରାଯାଇଛି । ଏହାକୁ ଚାରି ଆଶ୍ରମ କହନ୍ତି । ଏଗୁଡ଼ିକ ହେଲା— ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ।

୫୫.ପ୍ର - ଜନ୍ମ ଓ ମୃତ୍ୟୁ କାହାକୁ କହନ୍ତି ?

ଉ - ଆତ୍ମା ଓ ଶରୀରର ସଂଯୋଗକୁ ଜନ୍ମ ଏବଂ ଆତ୍ମା ଓ ଶରୀରର ବିଯୋଗକୁ ମୃତ୍ୟୁ କୁହଯାଏ ।

୫୬.ପ୍ର - ଶରୀରରୁ ଅଲଗା ହେବା ପରେ ଜୀବାତ୍ମା କେଉଁଠି ରହେ ?

ଉ - ଶରୀରରୁ ଅଲଗା ହେବା ପରେ ଜୀବାତ୍ମା ଯମାଳୟ ଅର୍ଥାତ୍ ଆକାଶସ୍ଥ ବାୟୁରେ ଅବସ୍ଥାନ କରେ ।

୫୭.ପ୍ର - ଜୀବାତ୍ମା ବାୟୁରେ କେତେ ସମୟ ଅବସ୍ଥାନ କରେ ?

ଉ - ପରବର୍ତ୍ତୀ ଶରୀର ମିଳିବା ପର୍ଯ୍ୟନ୍ତ ଜୀବାତ୍ମା ବାୟୁରେ ଅବସ୍ଥାନ କରେ ।

୫୮.ପ୍ର - ଜୀବାତ୍ମାକୁ ଶରୀର କାହା ଆଧାରରେ ମିଳେ ?

ଉ - ପୂର୍ବକୃତ କର୍ମ ଆଧାରରେ ଜୀବାତ୍ମାକୁ ନୂଆ ଶରୀର ମିଳେ ?

୫୯.ପ୍ର - ଧର୍ମରାଜ ଓ ଯମରାଜ କାହାକୁ କହନ୍ତି ଓ କାହିଁକି ?

ଉ - ଈଶ୍ୱରଙ୍କ ନାମ ହିଁ ଧର୍ମରାଜ ଓ ଯମରାଜ, କାରଣ ସେ ହିଁ ସବୁ ପ୍ରାଣୀଙ୍କୁ ଯଥାଯଥ କର୍ମଫଳ ଦେବାର ବ୍ୟବସ୍ଥା କରନ୍ତି ଏବଂ ସବୁ ଅନ୍ୟାୟରୁ ପୃଥକ୍ ରହନ୍ତି ।

୬୦.ପ୍ର - କ'ଣ ଯମରାଜଙ୍କ ଦୂତ ବି ଥାଆନ୍ତି ଯେଉଁମାନେ କି ପ୍ରାଣୀଙ୍କ ପ୍ରାଣ ହରଣ କରନ୍ତି ?

ଉ - ପୂର୍ବରୁ କୁହାଯାଇଛି ଯେ ଈଶ୍ୱରଙ୍କ ନାମ ହିଁ ଯମରାଜ । ଈଶ୍ୱର ସର୍ବଶକ୍ତିମାନ୍ ଓ ସର୍ବବ୍ୟାପକ ହୋଇଥିବାରୁ, ତାଙ୍କର କୌଣସି ଦୂତର ଆବଶ୍ୟକତା ହୋଇନଥାଏ ।

୬୧.ପ୍ର - କ'ଣ ଯମରାଜଙ୍କ ଚିତ୍ରଗୁପ୍ତ ନାମକ କୌଣସି ମନ୍ତ୍ରୀ ଅଛନ୍ତି ଯିଏକି ଜୀବଙ୍କ କର୍ମର ହିସାବ ରଖନ୍ତି ?

ଉ - ଯେତେବେଳେ ଈଶ୍ୱର ହିଁ ଯମରାଜ ଏବଂ ଯମ ନାମରେ କୌଣସି ପୃଥକ୍ ରାଜା ହିଁ ନାହାନ୍ତି ସେତେବେଳେ ଚିତ୍ରଗୁପ୍ତ ମନ୍ତ୍ରୀ କୁଆଡୁ ଆସିବେ ? ଈଶ୍ୱର ତ ସର୍ବଜ୍ଞ । ସବୁ ପ୍ରାଣୀଙ୍କ କର୍ମ ତାଙ୍କ ଜ୍ଞାନରେ ସର୍ବଦା ବିଦ୍ୟମାନ ଥାଏ । ତେଣୁ ଈଶ୍ୱରଙ୍କୁ କୌଣସି ଚିତ୍ରଗୁପ୍ତଙ୍କ ଆବଶ୍ୟକତା ହିଁ ନାହିଁ ।

୬୨.ପ୍ର - କ'ଣ ପ୍ରାଣୀଙ୍କ କର୍ମ ଓ ଭାଗ୍ୟ ଲେଖାଯାଏ ?

ଉ - ନା । କାରଣ ତାହା ଲେଖାଯାଏ ଯାହାକି ଭୁଲିଯିବାର ଭୟ ରହିଥାଏ । ଈଶ୍ୱର ସର୍ବଜ୍ଞ । ତାଙ୍କ ଜ୍ଞାନରେ ସବୁ କିଛି ସଦା ବିଦ୍ୟମାନ ରହିଥାଏ । ଈଶ୍ୱରଙ୍କ ଭିତରେ ବିସ୍ମରଣ ହେବା ଅର୍ଥାତ୍ ଭୁଲିଯିବା ଗୁଣ ନାହିଁ । ତେଣୁ ତାଙ୍କୁ ଲେଖିବାର ଆବଶ୍ୟକତା ପଡ଼ିନଥାଏ ।

୬୩.ପ୍ର - ମରିବା ପରେ ଜୀବାତ୍ମା ଭୂତ, ପ୍ରେତ, ଡାଆଣୀ ଆଦି ହୋଇ ବୁଲିଥାଏ କି ?

ଉ - ପୂର୍ବରୁ କୁହାଯାଇଛି ଯେ ମୃତ୍ୟୁରେ ଗୋଟିଏ ଶରୀରରୁ ବାହାରିବାଠାରୁ ପୁନଃ ନୂଆ ଶରୀର ପାଇବା ପର୍ଯ୍ୟନ୍ତ ଜୀବାତ୍ମା ମୂର୍ଚ୍ଛିତ ଅବସ୍ଥାରେ ବାୟୁମଣ୍ଡଳରେ ଈଶ୍ୱରଙ୍କ ବ୍ୟବସ୍ଥା ଅଧୀନରେ ଅବସ୍ଥାନ କରୁଥାଏ । ଏଣୁ ମୃତ୍ୟୁ ପରେ ଜୀବ ଭୂତ, ପ୍ରେତ,

ଡାଆଣୀ ହୋଇ ବୁଲିବା ସମ୍ଭବ ନୁହେଁ । ଭୂତ, ପ୍ରେତ ଇତ୍ୟାଦି ଅଜ୍ଞାନରୁ ଉତ୍ପନ୍ନ ମିଥ୍ୟାଧାରଣା ।

୬୪.ପ୍ର - କ'ଣ ଜୀବାତ୍ମା ଶରୀର ତ୍ୟାଗ କରିବା ଓ ନୂଆ ଶରୀର ଧାରଣ କରିବାରେ ସ୍ୱତନ୍ତ୍ର ?

ଉ - ସାମାନ୍ୟ ନିୟମ ଏହା ଯେ ଶରୀର ଛାଡ଼ିବା ଓ ନୂଆ ଶରୀର ଧାରଣ କରିବାରେ ଜୀବାତ୍ମା ସ୍ୱତନ୍ତ୍ର ନୁହେଁ, ବରଂ ଈଶ୍ୱରଙ୍କ ଅଧୀନ । ଯେତେବେଳେ ଗୋଟିଏ ଶରୀରରେ ଜୀବାତ୍ମାର ଭୋଗ ପୂର୍ଣ୍ଣ ହୋଇଯାଏ କିମ୍ବା ଭୋଗ ପୂର୍ଣ୍ଣ ହେବା ପୂର୍ବରୁ କୌଣସି ଦୁର୍ଘଟଣାଦି ଯୋଗୁଁ ଶରୀର ଭୋଗର ସାଧନ ହେବା ପାଇଁ ଅଯୋଗ୍ୟ ହୋଇଯାଏ, ସେତେବେଳେ ଈଶ୍ୱର ଜୀବାତ୍ମାକୁ ସେ ଶରୀରରୁ ବାହାର କରିଦିଅନ୍ତି ଏବଂ ତାକୁ ନୂଆ ଶରୀର ପ୍ରଦାନ କରନ୍ତି । ଅବଶ୍ୟ ଆଉ ଗୋଟିଏ କଥା ଯେ ଜୀବାତ୍ମା ନିଜ ସ୍ୱତନ୍ତ୍ରତାର ଦୁରୁପଯୋଗ କରି ଈଶ୍ୱରଙ୍କ ଆଜ୍ଞାବିରୁଦ୍ଧ କର୍ମ ଆତ୍ମହତ୍ୟା ଦ୍ୱାରା ବି ଶରୀର ତ୍ୟାଗ କରିପାରେ ।

୬୫.ପ୍ର - କ'ଣ ଜୀବାତ୍ମା ନିଜ ଇଚ୍ଛାରେ ଅନ୍ୟ ଶରୀରରେ ପ୍ରବେଶ କରିପାରେ ?

ଉ - ଜୀବାତ୍ମା ନିଜ ଇଚ୍ଛାରେ ଅନ୍ୟ ଶରୀରରେ ପ୍ରବେଶ କରିପାରେ ନାହିଁ । ଏ କାର୍ଯ୍ୟ ତା'ର ଶକ୍ତି-ସାମର୍ଥ୍ୟର ବାହାରେ । କୌଣସି ଏକ ଶରୀରରେ କୌଣସି ଜୀବାତ୍ମାକୁ ପ୍ରବେଶ କରାଇବା କାମ ଈଶ୍ୱରଙ୍କର ।

୬୬.ପ୍ର - ସ୍ୱର୍ଗ ଓ ନର୍କ କେଉଁଠି ଅଛି ?

ଉ - ଯେଉଁଠି ସୁଖ, ଶାନ୍ତି ଓ ଆନନ୍ଦ ଥାଏ ତାକୁ ସ୍ୱର୍ଗ ଏବଂ ଯେଉଁଠି

ଦୁଃଖ, ଅଶାନ୍ତି, ବିଦ୍ୱେଷ ଆଦି ଥାଏ ତାକୁ ନର୍କ କହନ୍ତି । ସ୍ୱର୍ଗ ଓ ନର୍କ କୌଣସି ଭୌଗଳିକ ସ୍ଥାନ ବିଶେଷ ନୁହେଁ । ସ୍ୱର୍ଗ ଓ ନର୍କ ଅବସ୍ଥା ବା ପରିବେଶର ନାମ । ଉଭୟ ଏହି ସଂସାରରେ ଅଛି ।

୬୭.ପ୍ର - କ'ଣ ଆଧ୍ୟାତ୍ମିକ ଉନ୍ନତି ପାଇଁ ଗୁରୁ ଆବଶ୍ୟକ ?

ଉ - ହଁ । ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି ପାଇଁ ଜ୍ଞାନଦାତା, ଆଧ୍ୟାତ୍ମିକ ଉନ୍ନତି-ପ୍ରଗତି ନିମନ୍ତେ ସହାୟକ, ମାର୍ଗଦର୍ଶକ ଗୁରୁ ଏକାନ୍ତ ଆବଶ୍ୟକ ।

୬୮.ପ୍ର - କେଉଁ ଯୋଗ୍ୟତା ଥିଲେ ଜଣକୁ ଗୁରୁ ରୂପେ ବରଣ କରିବା ଉଚିତ ?

ଉ - ଆଧ୍ୟାତ୍ମିକ ଉନ୍ନତି, ଈଶ୍ୱର ପ୍ରାପ୍ତି ନିମନ୍ତେ ମାର୍ଗଦର୍ଶକ ଗୁରୁଙ୍କର ଦୁଇଟି ଯୋଗ୍ୟତା ରହିବା ଆବଶ୍ୟକ । ସେ ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ ହେବା ବାଞ୍ଛନୀୟ । ଶ୍ରୋତ୍ରିୟ ଅର୍ଥାତ୍ ଈଶ୍ୱରୀୟ ବାଣୀ ବେଦ ବା ଶ୍ରୁତିର ଅଧେତା, ବେଦବେତ୍ତା, ବେଦାନୁଗାମୀ ଏବଂ ବ୍ରହ୍ମନିଷ୍ଠ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ନିଷ୍ଠାବାନ୍ । ବେଦଜ୍ଞାନ ବିହୀନ, ଈଶ୍ୱରଙ୍କ ସମ୍ପର୍କରେ ଭ୍ରାନ୍ତଜ୍ଞାନଯୁକ୍ତ , ନିଶାଦି ବ୍ୟସନକାରୀ, ପାଖଣ୍ଡୀ ବ୍ୟକ୍ତି ଗୁରୁ ହେବା ପାଇଁ ଅନୁପଯୁକ୍ତ ।

୬୯.ପ୍ର - କ'ଣ ଗୁରୁ ହିଁ ପରଂବ୍ରହ୍ମ ଅଟନ୍ତି ?

ଉ - ନା । ଯିଏ ପଶୁ-ପକ୍ଷୀ, କୀଟ-ପତଙ୍ଗ, ଗଛ-ଲତା, ପାଣି-ପବନ, ସୂର୍ଯ୍ୟ-ଚନ୍ଦ୍ର ଆଦି ସଂସାରର ସବୁକିଛି ଉତ୍ପନ୍ନ କରନ୍ତି, ସମସ୍ତଙ୍କୁ ପାଳନ କରନ୍ତି ଏବଂ ଶେଷରେ ପ୍ରଳୟ କରନ୍ତି ତାଙ୍କୁ ପରଂବ୍ରହ୍ମ କୁହାଯାଏ । ପରଂବ୍ରହ୍ମ ସୃଷ୍ଟି ଆରମ୍ଭରେ ବେଦଜ୍ଞାନ ପ୍ରଦାନ କରନ୍ତି । ତେଣୁ ତାଙ୍କୁ ଆଦିଗୁରୁ, ପରମଗୁରୁ କୁହାଯାଏ । ସେ ନିରାକାର,

ଶରୀର ଧାରଣ କରନ୍ତି ନାହିଁ । ସେହି ଆଦିଗୁରୁ ଈଶ୍ୱରଙ୍କଠାରୁ ଗୁରୁ-ଶିଷ୍ୟ ପରମ୍ପରାରେ ମନୁଷ୍ୟ ଦେହଧାରୀ ଅନ୍ୟ ଗୁରୁମାନେ ଜ୍ଞାନ ପ୍ରାପ୍ତ କରି ଅନ୍ୟମାନଙ୍କୁ ଜ୍ଞାନ ଦିଅନ୍ତି । ଏଣୁ ଜ୍ଞାନଦାତା ହୋଇଥିବାରୁ ପରଂବ୍ରହ୍ମ ତ ଗୁରୁ ଅଟନ୍ତି; କିନ୍ତୁ କୌଣସି ମାନବ ଦେହଧାରୀ ଗୁରୁ ପରଂବ୍ରହ୍ମ ନୁହନ୍ତି । କାରଣ ଏମାନେ ପାଣି-ପବନ, ସୂର୍ଯ୍ୟ-ଚନ୍ଦ୍ର ଆଦି ତିଆରି କରିପାରିବେ ନାହିଁ । ଆଦିଗୁରୁ ପରଂବ୍ରହ୍ମ ତ ଅସଂଖ୍ୟ ପ୍ରାଣୀ ଉତ୍ପନ୍ନ କରିଛନ୍ତି ଓ କରୁଛନ୍ତି, କିନ୍ତୁ ମାନବ ଦେହଧାରୀ ଗୁରୁମାନଙ୍କର ମାଛିଟିଏ ବି ତିଆରି କରିବାର ସାମର୍ଥ୍ୟ ନାହିଁ । ଏମାନେ ପରଂବ୍ରହ୍ମ ନୁହନ୍ତି, ଜୀବ । ମାନବ ଦେହଧାରୀ ଗୁରୁମାନଙ୍କୁ ପରଂବ୍ରହ୍ମ କହିବା ପରଂବ୍ରହ୍ମଙ୍କ ଅବମାନନା ।

୭୦.ପ୍ର - କ'ଣ ଦେହଧାରୀ ଗୁରୁ ଉପାସ୍ୟ ଅଟନ୍ତି ?

ଉ - ନା । ଦେହଧାରୀ ଗୁରୁ ଉପାସ୍ୟ ନୁହନ୍ତି, ପୂଜ୍ୟ ଅଟନ୍ତି । ଗୁରୁଙ୍କର ପୂଜା ଅର୍ଥାତ୍ ଗୁରୁଙ୍କ ଜୀବିତାବସ୍ଥାରେ ତନୁ-ମନ-ଧନରେ ତାଙ୍କ ସେବା-ସତ୍କାର କରିବା ଆବଶ୍ୟକ । କାରଣ ତାଙ୍କଠୁ ଜ୍ଞାନ ମିଳିନଥିଲେ, ସାଧନା ମାର୍ଗରେ ନିରନ୍ତର ମାର୍ଗଦର୍ଶନ ଓ ସହାୟତା ମିଳିନଥିଲେ ଅନ୍ଧକାରରେ ବୁଲି-ବୁଲି ଅନେକ ଜନ୍ମ ବ୍ୟର୍ଥ ଯାଇଥାନ୍ତା । ଗୁରୁଙ୍କର ପୂଜା ବା ସେବା-ସତ୍କାର ନକରିବା ବହୁତ ବଡ଼ କୃତଘ୍ନତା ଏବଂ କୃତଘ୍ନ ବ୍ୟକ୍ତିକୁ ଈଶ୍ୱର-ପ୍ରାପ୍ତି ହୁଏ ନାହିଁ । କିନ୍ତୁ ମନେରଖିବା ଉଚିତ ଯେ ଗୁରୁ ଉପାସ୍ୟ ନୁହନ୍ତି । କାରଣ ଗୁରୁ ଆମକୁ ମୋକ୍ଷ ଦେଇପାରିବେ ନାହିଁ କି ସାଧନା ନିମନ୍ତେ ଶରୀର, ଆମ ପାଇଁ ପାଣି, ପବନ, ଆଲୋକ ଆଦି ପଦାର୍ଥ

ତିଆରି କରିଦେଇ ପାରିବେ ନାହିଁ । ସେ କେବଳ ଜ୍ଞାନ ହିଁ ଦେଇପାରିବେ ଏବଂ ସେ ଦେଉଥିବା ଜ୍ଞାନ ମଧ୍ୟ ମୂଳତଃ ଈଶ୍ୱରଙ୍କର । ଏକମାତ୍ର ପରମପିତା ପରମାତ୍ମା ହିଁ ଉପାସ୍ୟ ଅଟନ୍ତି । ତାଙ୍କରି ହିଁ ଧ୍ୟାନ-ଉପାସନା କରିବା ଉଚିତ ।

୭୧.ପ୍ର - ଗୁରୁ ଶିଷ୍ୟକୁ ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ମାର୍ଗ ଦେଖାଉଥିବାରୁ କ'ଣ ଗୁରୁ ଈଶ୍ୱରଙ୍କଠାରୁ ଶ୍ରେଷ୍ଠ ଅଟନ୍ତି ?

ଉ - ନା । ଗୁରୁ ଈଶ୍ୱରଙ୍କଠୁ ବଡ଼ ନୁହନ୍ତି, ସାନ । କାରଣ ଗୁରୁ ସାଧକକୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ସହାୟକ ହେଉଥିବାରୁ ସାଧନ ଅଟନ୍ତି, ନିଜେ ଶିଷ୍ୟର ସାଧ୍ୟ, ଲକ୍ଷ୍ୟ ନୁହନ୍ତି । ସାଧ୍ୟ ପ୍ରାପ୍ତିର ଆବଶ୍ୟକତା ଥିଲେ ସାଧନ ଆବଶ୍ୟକ ହୋଇଥାଏ ଏବଂ ସାଧ୍ୟ ପ୍ରାପ୍ତିର ଆବଶ୍ୟକତା ନଥିଲେ ସାଧନ ଆବଶ୍ୟକ ପଡ଼ିନଥାଏ । ଏଣୁ ସାଧ୍ୟ ବଡ଼ ହୋଇଥାଏ, ସାଧନ ନୁହେଁ । ଦ୍ୱିତୀୟ କଥା ହେଲା ଯଦି ଗୁରୁ ଈଶ୍ୱରଙ୍କଠାରୁ ବି ଶ୍ରେଷ୍ଠ, ବଡ଼ ଅଟନ୍ତି ତେବେ ସେ ହିଁ ଶିଷ୍ୟର ଅନ୍ତିମ ଲକ୍ଷ୍ୟ ହେବା ଉଚିତ । ଗୁରୁ ରୂପକ ଶ୍ରେଷ୍ଠ ସତ୍ତାଙ୍କୁ ପାଇସାରିବା ପରେ ତାଙ୍କୁ ଛାଡ଼ି ତାଙ୍କଠୁ ନିକୃଷ୍ଟ ଈଶ୍ୱରଙ୍କ ଆଡ଼କୁ ଯିବାର ଆବଶ୍ୟକତା କ'ଣ ? ଯେହେତୁ ଗୁରୁ ଈଶ୍ୱରଙ୍କ ଆଡ଼କୁ ଯିବା ପାଇଁ ରାସ୍ତା ବତାଉଛନ୍ତି, ତେଣୁ ନିଶ୍ଚିତ ରୂପେ ଈଶ୍ୱର ଗୁରୁଙ୍କଠୁ ଶ୍ରେଷ୍ଠ ଅଟନ୍ତି । ତୃତୀୟ କଥା ହେଲା ସଂସାରର ସମସ୍ତ ଦେହଧାରୀ ଗୁରୁଙ୍କ ଜ୍ଞାନକୁ ମିଶାଇଲେ ଯେତେ ହେବ ଏକ ଈଶ୍ୱରଙ୍କ ଜ୍ଞାନ ଏସବୁଠାରୁ ବହୁ ଗୁଣ ଅଧିକ । ଏଣୁ ଈଶ୍ୱର ସର୍ବଶ୍ରେଷ୍ଠ, ଅତୁଳନୀୟ ।

୭୨.ପ୍ର - ଆଦର୍ଶ ବିଦ୍ୟାର୍ଥୀର ଗୁଣ କ'ଣ ?

ଉ - ଆଦର୍ଶ ବିଦ୍ୟାର୍ଥୀର କେତୋଟି ଗୁଣ ହେଲା— ରାତିରେ ଶୀଘ୍ର ଶୋଇବା ଓ ସକାଳୁ ଶୀଘ୍ର (ସୂର୍ଯ୍ୟୋଦୟ ପୂର୍ବରୁ) ଉଠିବା, ନିୟମିତ ଆସନ-ବ୍ୟାୟାମ (କ୍ରୀଡ଼ା-କସରତ) ଓ ଭ୍ରମଣ ଆଦି କରିବା, ଗାୟତ୍ରୀ ଆଦି ମନ୍ତ୍ର ମାଧ୍ୟମରେ ଈଶ୍ୱରଙ୍କ ଉପାସନା କରିବା, ମାତା-ପିତା ଓ ଗୁରୁଜନଙ୍କ ସମ୍ମାନ ତଥା ଆଜ୍ଞାପାଳନ କରିବା, କୁସଙ୍ଗରୁ ଦୂରେଇ ରହି ସ୍ୱାଧ୍ୟାୟ, ସତ୍‌ସଙ୍ଗ, ସେବା, ଶ୍ରମ (ପୁରୁଷାର୍ଥ) ଓ ସଦାଚାରକୁ ଜୀବନର ଅଙ୍ଗ କରିବା ।

୭୩.ପ୍ର - ଶାସ୍ତ୍ରରେ ବିଦ୍ୟାର୍ଥୀର କେତୋଟି ଲକ୍ଷଣ କୁହାଯାଇଛି ଓ କ'ଣ କ'ଣ ?

ଉ - ଶାସ୍ତ୍ରରେ ବିଦ୍ୟାର୍ଥୀର ୫ଟି ଲକ୍ଷଣ କୁହାଯାଇଛି — ୧. ବିଦ୍ୟାର୍ଥୀ କୁଆ ଭଳି ପ୍ରତିକ୍ଷଣ ସଜାଗ ଓ ସାବଧାନ ରହିବା ଉଚିତ, ୨. ବିଦ୍ୟାର୍ଥୀ ବଗ ଭଳି ଏକାଗ୍ର ଚିତ୍ତ ହେବା ବିଧେୟ, ୩. ବିଦ୍ୟାର୍ଥୀ କୁକୁର ଭଳି ସତର୍କ ହୋଇ ଶୋଇବା ଆବଶ୍ୟକ, ୪. ବିଦ୍ୟାର୍ଥୀ ଶୁଦ୍ଧ, ସାତ୍ତ୍ୱିକ, ସଂଯମିତ ଭୋଜନ କରିବା ଉଚିତ, ୫. ବିଦ୍ୟାର୍ଥୀ ଗୃହସ୍ଥ-ପାରିବାରିକ ମୋହ-ବନ୍ଧନରୁ ମୁକ୍ତ ରହି ବିଦ୍ୟାଭ୍ୟାସରେ ବ୍ରତୀ ହେବା ବାଞ୍ଛନୀୟ ।

୭୪.ପ୍ର - ବିଦ୍ୟାର୍ଥୀ କେଉଁ ସବୁରୁ ଦୂରେଇ ରହିବା ଉଚିତ ?

ଉ - ବିଦ୍ୟାର୍ଥୀ ଭୋଗ-ବିଳାସ, ଆଳସ୍ୟ-ପ୍ରମାଦ, ମାଂସାହାର, ନିଶାଦ୍ରବ୍ୟ ସେବନ, ଚଞ୍ଚଳତା, କାମ-କ୍ରୋଧ-ଲୋଭ-ଅଭିମାନାଦି ଦୁର୍ଗୁଣ, ଦୁର୍ବ୍ୟସନରୁ ଦୂରେଇ ରହିବା ଉଚିତ ।

✲ ✲ ✲